

"କ୍ଲାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାରର ବିଳାସ ସେହି ପରି ଆନନ୍ଦ ଦେଇପାରିବ ନାହିଁ:
- ନେପୋଲିୟନ



## ଆଜି କ'ଣ କେଉଁଠି

- ଜିଲାସ୍ତରୀୟ ସିଙ୍ଗିଲ ୱିଣ୍ଡୋ କ୍ଲିୟରେନ୍ସ ଅଥରିଟି କମିଟୀ ମିଟିଂ। ସ୍ଥାନ-ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ। ସମୟ-ଅପରାହ୍ନ ୪ଟା
- ଜିଲାସ୍ତରୀୟ ଟାସ୍କଫୋର୍ସ କମିଟୀ(ପିଏମଇଜିପି) ମିଟିଂ। ସ୍ଥାନ-ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ। ସମୟ-ଅପରାହ୍ନ ୪ଟା ।
- ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଡିଗ୍ରୀ ଫାଇନାଲ ପରୀକ୍ଷା ଫଳ ପ୍ରକାଶ ପାଇବ। ସ୍ଥାନ-କଲେଜ ପରିସର। ସମୟ-ପୂର୍ବାହ୍ନ ସାଢେ ୯ଟା ।

## ଶିଳ୍ପାଞ୍ଚଳ ନିଯୁକ୍ତିରେ ଅଣଓଡ଼ିଆ ପ୍ରୀତି

# ମିଥ୍ୟା ପ୍ରମାଣପତ୍ରରେ ମିଳୁଛି ନିଯୁକ୍ତି

**ଯାଜପୁର ଅଫିସ,୨୬।୫**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ସପ୍ତାହ ମଧ୍ୟରେ ଏକାଧିକ ମିଥ୍ୟା ପ୍ରମାଣପତ୍ରଧାରୀ ଅଣଓଡିଆଙ୍କୁ ନିଯୁକ୍ତିରୁ ବାହାର କରାଯାଇଛି। ଜିନ୍ଦଲ ଷ୍ଟେନଲେସ ଷ୍ଟିଲରେ କାର୍ଯ୍ୟରତ ୩ଜଣ ବିହାରୀ ଭାଇଙ୍କୁ ମିଥ୍ୟା ପ୍ରମାଣପତ୍ର ଦେଇ ନିଯୁକ୍ତି ଦିଆଯାଇଥିବା ଜଣାପଡିବା ପରେ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ସେମାନଙ୍କ ମଧ୍ୟରୁ ସିଆରଏମ (କୋଲ୍ଡ ରୋଲିଂ ମେଟାଲ) ବିଭାଗରେ ୨ ଜଣ ଆସିଷ୍ଟାଣ୍ଟ ମ୍ୟାନେଜର ଓ ଜଣେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିଲେ ବୋଲି ସୂଚନା ମିଳିଛି। ତେବେ ସ୍ଥାନୀୟ ଲୋକଙ୍କ ବିରୋଧର ଆଶଙ୍କା କରି ଏହି ମିଥ୍ୟା ପ୍ରମାଣପତ୍ରଧାରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ପୂର୍ବରୁ ଟାଟା ଷ୍ଟିଲ କାରଖାନାରେ ଅନୁରୂପ ମିଥ୍ୟା ନିଯୁକ୍ତି ହୋଇଥିଲା । ହଟ୍ ମେଟାଲ ମିଲ(ଏଚଏସଏମ) ଓ ଷ୍ଟିଲ ମେଲ୍ଟିଂ ସପ୍ (ଏସଏମଏସ) ବିଭାଗରେ ନିଯୁକ୍ତି ଉପରେ ତଦନ୍ତ କରାଯାଇ ମିଥ୍ୟା ପ୍ରମାଣପତ୍ର ବଳରେ ଚାକିରି କରୁଥିବା ୫୦ରୁ ଊର୍ଦ୍ଧ୍ୱ ଅଣଓଡିଆ କର୍ମଚାରୀଙ୍କୁ ଗୋପନ ଭାବେ ହଟା ଯାଇଥିଲା । ଯାଜପୁର ଜିଲାର ଆର୍ଥିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସରକାର ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନା ପ୍ରତିଷ୍ଠା କରୁଛନ୍ତି। ହେଲେ ବାର୍ଷିକ ୮ ନିୟୁତ ଟନ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ରଖିଥିବା ଟାଟା ଷ୍ଟିଲ ସମେତ ଅନ୍ୟାନ୍ୟ କାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ବେଖାତିର ମନୋଭାବ ପୋଷଣ କରୁଛନ୍ତି । କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାର ଚାଲିଥିବାରୁ ସ୍ଥାନୀୟ ନେତା କେବଳ ଦୋଷାରୋପ କରୁଛନ୍ତି। ସେଭଳି ଆଖିଦୃଶିଆ ଆନ୍ଦୋଳନ ହେଉ ନ ଥିବାରୁ ଅଣଓଡିଆ ଲୋକଙ୍କୁ ନିଯୁକ୍ତି ଦେବାରେ କାରଖାନା କର୍ତ୍ତୃପକ୍ଷଙ୍କ ସାହସ ଆହୁରି ବଢି ଚାଲିଛି। ଓଡ଼ିଆ ନିଯୁକ୍ତି କଥା ଆସିଲେ ଅଭିଜ୍ଞତାର ବାହାନା କରାଯାଉଛି। କିନ୍ତୁ ଅଣଓଡିଆ ମିଥ୍ୟା ପ୍ରମାଣପତ୍ର ଦେଇ ବି ନିଯୁକ୍ତି ପାଉଛନ୍ତି। ଏଭଳି ଶତାଧିକ ଅଣଓଡିଆ କଳିଙ୍ଗନଗର ଶିଳ୍ପାଞ୍ଚଳରେ ମିଥ୍ୟା ପ୍ରମାଣପତ୍ର ଦେଇ ନିଯୁକ୍ତି କରୁଥିବା ଚର୍ଚ୍ଚା ହେଉଛି । ଏନେଇ ଏକ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ସମ୍ମୁଖକୁ ଆସି ପାରନ୍ତା ବୋଲି ଦାବି ହେଉଛି। ଅନ୍ୟପକ୍ଷେ ମିଥ୍ୟା ପ୍ରମାଣପତ୍ର ଦେଇ କାର୍ଯ୍ୟ କରୁଥିବା ଜଣାପଡିଲେ କମ୍ପାନୀ କର୍ତ୍ତୃପକ୍ଷ ଗୋପନରେ ପଦକ୍ଷେପ ନେଉଛନ୍ତି। ଯାହାକି ବାସ୍ତବରେ ମିଥ୍ୟା ପ୍ରମାଣପତ୍ର ବଳରେ ଅଣଓଡିଆ ନିଯୁକ୍ତି ସଂଖ୍ୟା ଜାଣି ହେଉନାହିଁ। ବେଳେବେଳେ ସ୍ଥାନୀୟ ନିଯୁକ୍ତିକୁ ନେଇ କେତେକ ଅନୁଷ୍ଠାନ ଦ୍ୱାରା ଦାବି କରାଗଲେ ଆଲୋଚନା ମାଧ୍ୟମରେ ସମାଧାନ ହୋଇଯାଉଛି। ସ୍ଥାନୀୟ ନିଯୁକ୍ତିକୁ ନେଇ ଶ୍ରମ ବିଭାଗ ପକ୍ଷରୁ ସୂଚାରୁରୂପେ ତଦନ୍ତ ହୋଇପାରୁ ନାହିଁ । କମ୍ପାନୀ କର୍ତ୍ତୃପକ୍ଷ ଯେଉଁ ରିପୋର୍ଟ ଦେଉଛନ୍ତି ତାକୁ ପ୍ରଶାସନ ଭରସା କରି ସରକାରଙ୍କୁ ସୂଚିତ କରୁଛନ୍ତି। ଟାଟା ଷ୍ଟିଲ ସମେତ, ଭିସା, ଜିନ୍ଦଲ, ମେସ୍କୋ, ମଇଥାନ ଆଦି କାରଖାନାରେ ମିଥ୍ୟା ଓ ଅଭିଜ୍ଞତା ପ୍ରମାଣପତ୍ର ବଳରେ ଅଣଓଡିଆ ଏଠାରେ ନିଯୁକ୍ତି ପାଇଥିବା ଜଳଜଳ ହୋଇ ଦିଶୁଛି । କାରଖାନାରେ ନିଯୁକ୍ତି ଦାୟିତ୍ୱରେ ରହୁଥିବା ଅଧିକାରୀମାନେ ଏସବୁ ଜାଣି ମୋଟା ଅଙ୍କର ହାତଗୁଞ୍ଜା ଦେଇ ନିଯୁକ୍ତି ଦେଉଥିବା ଏଥିରୁ ସନ୍ଦେହ କରାଯାଉଛି । ତେବେ କମ୍ପାନୀ ପକ୍ଷରୁ ଏହିସବୁ ଅଭିଯୋଗକୁ ଖଣ୍ଡନ କରାଯାଉଛି।

**■ଠିକ ପ୍ରମାଣପତ୍ର ଥାଇ ବି ଓଡ଼ିଆଙ୍କୁ ଉପେକ୍ଷା**
**■ନିକଟରେ ବାହାରିଛନ୍ତି ଅଣଓଡିଆ ୩ ଭାଇ**

## ସ୍କର୍ପିଓକୁ ଧକ୍କା ଦେଇ ଟ୍ରକ୍ ଚାଳକଙ୍କ ଫେରାର ଉଦ୍ୟମ

# ପିଛା କରି କାବୁ କଲେ ସ୍କର୍ପିଓ ଚାଳକ

**ରସୁଲପୁର,୨୬।୫(ଡିଏନଏ)**

**ବର୍ତ୍ତିଲେ ଯାତ୍ରୀ**



ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ କୁଆଖିଆ ବାଜରରୁ ୨କି.ମି. ଦୂରରେ ଅବସ୍ଥିତ ସତ୍ସଙ୍ଗ ବିହାର ଛକ ନିକଟରେ ଏକ ଟ୍ରକ୍‌ର ବେପରୁଆ ଗାଡି ଚାଳନା ଯୋଗୁ ଏକ ସ୍କର୍ପିଓ ଭାଙ୍ଗି ଯାଇଛି। ଏଥିରେ ଚାଳକ ଆହତ ହୋଇଥିଲେ ହେଁ ଅନ୍ୟ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଟ୍ରକ ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ଚାଳକ ସାହସିକତାର ସହ ଭଙ୍ଗା ସ୍କର୍ପିଓରେ ଟ୍ରକର ପିଛା କରି କାବୁ କରିବାରେ ସକ୍ଷମ ହୋଇଥିଲେ । ଏ ନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏସଆଇ ଦିଲୀପ କୁମାର କାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ଗାଡିର କାଗଜପତ୍ର ଯାଞ୍ଚ କରୁଛନ୍ତି।

## ରିଲିଫ୍ ଚାଉଳ ହଡ଼ପ ଅଭିଯୋଗ

**ବରୀ,୨୬।୫(ସ୍ୱ.ପ୍ର.):** ବରୀ ବ୍ଲକରେ ଫନୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ୩ ଦିନ ପାଇଁ ରିଲିଫ୍ ଚାଉଳ ଯୋଗାଇଦେବାକୁ ଘୋଷଣା କରାଯାଇଥିଲା। ବରୀ ପଞ୍ଚାୟତର ଜଣେ ରିଟେଲରଙ୍କ ଜରିଆରେ ୧୩ ୱାର୍ଡର ପାଖାପାଖି ୫୦୦ ପରିବାରଙ୍କ ପାଇଁ ରିଲିଫ୍ ଚାଉଳ ଆସିଥିଲା। ହେଲେ ରିଟେଲର ଜଣକ ଚାଉଳ ହଡ଼ପ କରିଥିବା ନେଇ ବିପନ୍ନମାନେ ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଜଣେ ବୟସ୍କ ବ୍ୟକ୍ତିଙ୍କ ପାଇଁ ୧ କେଜି, ଛୋଟ ପିଲାଙ୍କ ପାଇଁ ୫୦୦ ଗ୍ରାମ୍ ମୋଟ୍ ୩ ଦିନ ପାଇଁ ୪ କିଲୋ ୫୦୦ ଗ୍ରାମ୍ ଚାଉଳ ବଣ୍ଟନ କରିବାର ନିୟମ ରହିଥିଲା। ରିଟେଲର ଜଣକ ଏହି ଚାଉଳରୁ ୨ କିଲୋ ୫୦୦ ଗ୍ରାମ୍ ବଣ୍ଟନ କରି ଅବଶିଷ୍ଟ ଚାଉଳକୁ ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି। ଫଳରେ ବାତ୍ୟା ବିପନ୍ନଙ୍କ ପାଖରେ ଠିକ୍ ପରିମାଣରେ ରିଲିଫ୍ ଚାଉଳ ପହଞ୍ଚିପାରିନାହିଁ। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ପଚାରିବାରୁ, ଅଭିଯୋଗ ମିଳିଛି। ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

## ଓଭରବ୍ରିଜ ପାର୍ଶ୍ୱରେ ଗଦା ହୋଇଛି ଅଳିଆ

# ସଫା ନ ହେଲେ ଆନ୍ଦୋଳନ ଚେତାବନୀ

**କୋରେଇ,୨୬।୫(ସ୍ୱ.ପ୍ର.)**




ଓଭରବ୍ରିଜ ପାର୍ଶ୍ୱରେ ଅଳିଆ ଗଦା ହୋଇଛି।

୧୬ ନଂ. ଜାତୀୟ ରାଜପଥ ପାଣିକୋଇଲି ବଜାରକୁ ୨ ଭାଗରେ ବିଭକ୍ତ କରିଛି। ଏହି ରାଜପଥରେ ଓଭରବ୍ରିଜ୍ ନିର୍ମାଣ ହୋଇଛି, ଯାହା ୨୦ ନଂ. ଜାତୀୟ ରାଜପଥର ଉତ୍ପନ୍ନସ୍ଥଳୀ। ହେଲେ ଏହି ଓଭରବ୍ରିଜର ବାମ ପାର୍ଶ୍ୱ ଅନାବନା ଗଛ ଓ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ପରିବେଶ ଦୂଷିତ ହେବା ସହ ବିଭିନ୍ନ ସରୀସୃପଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ଅନେକ ସମୟରେ ଯାତ୍ରୀଙ୍କ ପାଇଁ ଏହା ବିପଦର କାରଣ ସାଜିଛି। ବିଭାଗ ପକ୍ଷରୁ ସ୍ୱତନ୍ତ୍ରଭାବେ ଏହାକୁ ସଫା ରଖିବାକୁ ଏକ ଘରୋଇ କମ୍ପାନୀକୁ ଟେଣ୍ଡର ଦିଆଯାଇଛି। ହେଲେ ସେ କୌଣସି ମରାମତି ବା ସଫେଇ ନ କରି ଅର୍ଥ ଆତ୍ମସାତ୍ କରୁଥିବା ଅଭିଯୋଗ ହୋଇଛି। ଫଳରେ ଠିକା ସଂସ୍ଥା ମନମୁଖିଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀଙ୍କଠାରୁ କର୍ମଚାରୀ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ କାହାର ଦୃଷ୍ଟି ନ ପଡିବା ଆଲୋଚନାର ବିଷୟ ହୋଇଛି। ୭ ଦିନ ମଧ୍ୟରେ ଓଭରବ୍ରିଜ କଡ ସଫା ନ ହେଲେ ସହଯୋଗ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ଛତିଆ,୨୬।୫(ଡି.ଏନ୍.ଏ.)**

ଯାଜପୁର ଜିଲାର ବୈରୀ ଥାନା ଓ ଢେଙ୍କାନାଳ ଜିଲା ନିହଲ ପ୍ରସାଦ ଥାନା ମଧ୍ୟସ୍ଥଳରେ ଅବସ୍ଥିତ କୁସପଦା (ଗୋଡାସାହି) ଗ୍ରାମର ଗଙ୍ଗାଧର ବାରିକ୍ (୪୨)ଙ୍କ ରବିବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗଙ୍ଗାଧର ମଧ୍ୟାହ୍ନ ସମୟରେ ବିଲରେ ଖତ ବୁଣୁଥିବାବେଳେ ପଡ଼ିଯାଇଥିଲେ। ପାଖ ବିଲରେ ହଳ ବୁଲାଉଥିବା ଗ୍ରାମବାସୀ ଗଙ୍ଗାଧରଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକଲେ। ମୃତଦେହ ବ୍ୟବଚ୍ଛେଦ ପରେ ନିଜ ଗ୍ରାମକୁ ପଠାଯାଇଛି।

## ■ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ

# ଅଭିଯୁକ୍ତଙ୍କ ଗିରଫ ଦାବି କଲେ ଗ୍ରାମବାସୀ

**ଯାଜପୁରରୋଡ,୨୬।୫(ନି.ପ୍ର.)**

ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ସହ ଯୁବକ ଜଣକ ସମ୍ପୃକ୍ତ ଯୁବତୀଙ୍କଠାରୁ ଗହଣା ହଡ଼ପ କରିନେଇଥିବା ତାଙ୍କ ପରିବାର ପକ୍ଷରୁ ଯାଜପୁରରୋଡ ଥାନାରେ ଅଭିଯୋଗ ହୋଇଥିଲା। ହେଲେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଗ୍ରାମବାସୀ ଶନିବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୭/୧୯) ରୁଜୁ କରିଛି। ପ୍ରକାଶ ଯେ, ଅଜିତ ମାଝି ନାମକ ଜଣେ ଯୁବକଙ୍କର ଯାଜପୁରରୋଡ ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ପରେ ଅଜିତ୍ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେବା ସହ ତାଙ୍କୁ ଅପହରଣ କରିନେଇ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପରେ ଅଜିତ୍ ବିବାହ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଥାନାଧିକାରୀ ଅନିଲ ମହାନ୍ତିଙ୍କୁ ପଚାରିବାରୁ, ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ବାଇକ୍ ଡିକି ଭାଙ୍ଗି ସୁନା ଲୁଟ୍

**ଚଣ୍ଡିଖୋଲ/ ବାଲିଚନ୍ଦ୍ରପୁର, ୨୬।୫(ଡି.ଏନ.ଏ./ସ୍ୱ.ପ୍ର.)-** ବାଲିଚନ୍ଦ୍ରପୁର ବଜାରରେ ଜଣେ ସୁନା ବ୍ୟବସାୟୀ ଶନିବାର ସନ୍ଧ୍ୟାରେ ବାଇକ୍ ଡିକିରେ ସୁନା ଓ ରୁପା ଜିନିଷ ରଖି ଦୋକାନ ବନ୍ଦ କରୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ଡିକି ଭାଙ୍ଗି ସୁନା ଗହଣା ଓ ରୁପା ଲୁଟ୍ କରିନେଇଛନ୍ତି। ୮ ଗ୍ରାମର ସୁନା ଓ ଦେଢ଼ କେଜି ରୂପା ଗହଣାର ଆନୁମାନିକ ମୂଲ୍ୟ ୬୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ବ୍ୟବସାୟୀ କହିଛନ୍ତି। ବ୍ୟବସାୟୀ ଜଣକ ହେଉଛନ୍ତି ବାଲିଚନ୍ଦ୍ରପୁରସ୍ଥିତ ଶ୍ୟାମସୁନ୍ଦରପୁର ବଜାରରେ ଥିବା ମହାପାତ୍ର ଜୁଏଲର୍ସର ମାଲିକ ମୃତ୍ୟୁଞ୍ଜୟ ମହାପାତ୍ର। ଏ ନେଇ ମୃତ୍ୟୁଞ୍ଜୟ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି।

## କାଠ ଗଣ୍ଡିକୁ ନେଇ ମାରପିଟ୍

# ୨ ଆହତ, ୩ କୋର୍ଟ ଚାଲାଣ

**କୋରେଇ,୨୬।୫(ସ୍ୱ.ପ୍ର.)**

କାଠ ଗଣ୍ଡିକୁ ନେଇ ମାରପିଟ୍ ମାମଲାରେ ପାଣିକୋଇଲି ପୋଲିସ ରବିବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ବଡବିରୁହାଁ ପଞ୍ଚାୟତ ଆମ୍ବତୋଳା ଗ୍ରାମରେ ୧୪୪ ଧାରା ଲାଗୁ ହୋଇଥିବା ସ୍ଥାନରେ କାଠ ଗଣ୍ଡି ରଖିବାକୁ ଯାଇ ରବିବାର ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟ ପକ୍ଷର ରବୀନ୍ଦ୍ର ଦାସ ଓ ରଣଜିତ ଦାସ ଆହତ ହୋଇଥିଲେ। ଉଭୟ ପକ୍ଷରୁ ରୀନା ଦାସ ଓ ମନୋରମା ଦାସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୃଥକ୍ ମାମଲା (ନଂ.୯୪/୧୯ ଓ ୯୫/୧୯) ରୁଜୁ କରିଥିଲା। ରୀନାଙ୍କ ଅଭିଯୋଗ କ୍ରମେ ରଣଜିତ ଦାସ(୨୨) ଓ ଅଶୋକ ସାହୁ(୨୭) ଏବଂ ମନୋରମାଙ୍କ ଅଭିଯୋଗ କ୍ରମେ ରବୀନ୍ଦ୍ର ଦାସଙ୍କୁ କୋର୍ଟଚାଲାଣ କରାଯାଇଛି।

# ଜମିବାଡ଼ି ବିବାଦ: ମା'କୁ ମାଡ଼ମାରି ଜେଲ ଗଲା ପୁଅ

**ରସୁଲପୁର,୨୬।୫(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମା ପଞ୍ଚାୟତ ଡିହକୁରାଂଶ ଗ୍ରାମରେ ଜମିବାଡି ବିବାଦକୁ ନେଇ ଶନିବାର ଗଣ୍ଡଗୋଳ ଉପୁଜିଛି। ପୁଅ ମାଡ଼ରେ ମା' ଗୁରୁତର ହୋଇଥିବା ଦେଖିବାକୁ ମିଳିଛି। କୁଆଖିଆ ପୋଲିସ ଅଭିଯୁକ୍ତ ପୁଅ ଶିବ ଦାସ(୩୪)ଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଜମିବାଡିକୁ ନେଇ ମା ଓ ପୁଅ ମଧ୍ୟରେ ଦୀର୍ଘଦିନ ହେବ ମନାନ୍ତର ହୋଇଆସୁଥିଲା। ଘଟଣା ଦିନ ପୁଅ ଉତ୍ତ୍ୟକ୍ତ ହୋଇ ମା' ସୁମତି ଦାସଙ୍କୁ ମାଡ ମାରିଥିଲେ। ଏ ସମ୍ପର୍କରେ ସୁମତି କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ-୧୪୮/୧୯) ରୁଜୁ କରିବା ସହ ଅଭିଯୁକ୍ତ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅମାନତ ହରାଇଲେ କଂଗ୍ରେସ ପ୍ରାର୍ଥୀ

**ବରୀ,୨୬।୫(ସ୍ୱ.ପ୍ର.):** ଚଳିତ ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। କଂଗ୍ରେସ ପ୍ରାର୍ଥୀ ଉମେଶ ଜେନା ୭୦୮୨ ଖଣ୍ଡ ଭୋଟ୍ ପାଇ ନିଜର ଅମାନତ ହରାଇଥିବା ଜଣାପଡ଼ିଛି। ଦୀର୍ଘଦିନ ଧରି କଂଗ୍ରେସ ପ୍ରାର୍ଥୀ ଜେନା ବରୀରେ ସଂଗଠନ କରିଆସୁଥିଲେ। ଚଳିତ ନିର୍ବାଚନ ରଣାଙ୍ଗନରେ ଉମେଶ କଂଗ୍ରେସରୁ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିଲେ। ହେଲେ ବରୀରେ ତାଙ୍କର ଅମାନତ ରହିଲା ନାହିଁ ବୋଲି ଆଲୋଚନା ହେଉଛି। ଫଳରେ ବରୀରେ କଂଗ୍ରେସ ସଂଗଠନ ଦିନକୁ ଦିନ ଦୁର୍ବଳ ହୋଇପଡୁଛି।

# ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ୩୩ କୋଟି ଟଙ୍କା ମଞ୍ଜୁର

**ଯାଜପୁରରୋଡ,୨୬।୫(ନି.ପ୍ର.)**

**ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନ**

ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନର ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ୩୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଅନୁମତି ମିଳିଲେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଏହି ଓଭରବ୍ରିଜ୍ ପାଇଁ ନକ୍ସା ପ୍ରସ୍ତୁତ କରାଯାଇଛି। ସୂଚନାଯୋଗ୍ୟ, ଏହି ଷ୍ଟେଶନର ଉଭୟ ପାର୍ଶ୍ୱରେ ଥିବା ରେଲୱେ ଫାଟକ ଅଧିକାଂଶ ସମୟ ପଡୁଥିବାରୁ ସହରର ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଦୀର୍ଘଦିନ ଧରି ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଆନ୍ଦୋଳନ ଓ ଦାବି ହୋଇଆସୁଥିଲା। ଜିଲାପାଳ ଦାସ ଏହାକୁ ଗୁରୁତ୍ୱ ଦେଇ ସହରର ଟ୍ରାଫିକ ସମସ୍ୟାକୁ ହ୍ରାସ କରିବା ପାଇଁ ଜିଲା ଖଣିଜ ପାଣ୍ଠି (ଡିଏମଫ)ରୁ ଅର୍ଥ ମଞ୍ଜୁର କରାଯିବ ବୋଲି କହିଛନ୍ତି। ସାଇ ମନ୍ଦିର ନିକଟରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କରାଯିବ। ଅନ୍ୟପକ୍ଷରେ ଡାକବଙ୍ଗଳାଠାରେ ଥିବା ରେଳଫାଟକ ଉପରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କରିବା ପାଇଁ ମଧ୍ୟ ଜିଲାପାଳ ରେଲୱେ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି।

## ଟ୍ରକ୍ ଚାଳକଙ୍କୁ ମାଡ଼ ମାରି ଲୁଟ୍ ଘଟଣା

# ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ରସୁଲପୁର,୨୬।୫(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବିଜୁନଗରଠାରେ ଥିବା ଏକ ହୋଟେଲ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକରୁ ୨ମାସ ତଳେ ଦୁର୍ବୃତ୍ତମାନେ ଚାଳକଙ୍କୁ ମାଡ ମାରି ମୋବାଇଲ ଫୋନ୍ ଓ ୨୪ହଜାର ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଧର୍ମଶାଳା ଥାନା ଅଞ୍ଚଳର ଜାରକା ନିକଟରେ ଥିବା ଏକ ଢାବାରୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଦୁର୍ବୃତ୍ତଙ୍କ ନିକଟରୁ ପୋଲିସ ମୋବାଇଲ ଜବତ କରିଛି । ଟଙ୍କା ଚୋରି କରିଥିବା ଅଭିଯୋଗକୁ ସେମାନେ ସ୍ୱୀକାର କରିଛନ୍ତି । ପୋଲିସ ଏହି ଘଟଣାରେ ଏକ ମାମଲା (ନଂ-୭୯/୧୭) ରୁଜୁ କରି ତଦନ୍ତ ଚଳାଇଥିଲେ।

## ଖବରଦାତାଙ୍କ ପିତୃ ବିୟୋଗ

**ରତ୍ନଗିରି,୨୬।୫(ଡି.ଏନ.ଏ.):** ବରୀ ଅଞ୍ଚଳର ଖବରଦାତା ସୁରେଶ ଚନ୍ଦ୍ର କରଙ୍କ ପିତା ଘନଶ୍ୟାମ କର (୭୮)ଙ୍କ ରବିବାର ପରଲୋକ ହୋଇଛି। ସ୍ୱର୍ଗତ ଘନଶ୍ୟାମ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁ ଖବର ପାଇବା ପରେ ବାଇଁଶିରିଆସ୍ଥିତ ବାସଭବନରେ ଗଣମଧ୍ୟମ ପ୍ରତିନିଧି, ବରୀ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ରାଜନୈତିକ ଦଳର ନେତାମାନେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁ ସମୟରେ ପୁଅ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ଯୁବ ସାମାଜିକ କର୍ମୀ ସତ୍ୟ କର, ଖବରଦାତା ହିମାଂଶୁ ଦାଶ, ମହେନ୍ଦ୍ର କୁମାର ସ୍ୱାଇଁ, ସ୍ନେହାଂଶୁ ମହାନ୍ତି, ଦର୍ଶନ ବେହେରା, ବିଶ୍ୱଭୂଷଣ ଜେନା, ଉତ୍କଳ ଜେନା, ଅଜୟ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ୨ୟ ବାର୍ଷିକ ରଜ ମହୋତ୍ସବ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

**କୋରେଇ,୨୬।୫(ସ୍ୱ.ପ୍ର.)**

କୋରେଇର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିଜୟ ଆଦର୍ଶ ଫାଉଣ୍ଡେସନ ପକ୍ଷରୁ ୨ୟ ବାର୍ଷିକ ରଜ ମହୋତ୍ସବ ପାଇଁ ମୃତ୍ୟୁଞ୍ଜୟପୁର କଲ୍ୟାଣ ମଣ୍ଡପଠାରେ ରବିବାର ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରଜ ମହୋତ୍ସବର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମୃତ୍ୟୁଞ୍ଜୟପୁର ହିଙ୍ଗୁଳା ପଡିଆରେ ଏହି ଉତ୍ସବ ଆସନ୍ତା ୧୪ରୁ ଆରମ୍ଭ ହୋଇ ୧୬ରେ ଶେଷ ହେବ। ୧ମ ଦିନ ରଜଦୋଳି, ଗୀତ, ପୋଡପିଠା, ସଜବାଜ ପ୍ରତିଯୋଗିତା, ୨ୟ ଦିନ ଝୋଟି, ରଙ୍ଗୋଲି, ମେହେନ୍ଦି ଓ ଶେଷ ରଜ ବା ୩ୟ ଦିନରେ ପୁଚି ଓ ଶଙ୍ଖ ପ୍ରତିଯୋଗିତା କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଏବଂ ଓଡିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀଙ୍କ ଦ୍ୱାରା ଭଜନ ଓ ଆଧୁନିକ ସଙ୍ଗୀତ କାର୍ଯ୍ୟକ୍ରମ ହେବ। କୋରେଇ ବିଧାୟକ ଅଶୋକ ବଳ ଏହି ଉତ୍ସବ ଉଦ୍‌ଘାଟନ କରିବେ। ଅନୁଷ୍ଠାନର ସଭାପତି ବାଇଧର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶ୍ୱଜିତ ପଟ୍ଟନାୟକ, ଅଭିମନ୍ୟୁ ମିଶ୍ର, ପ୍ରଦୀପ ଜେନା, ସୁଦର୍ଶନ ମିଶ୍ର, ମିଲନ ମହାନ୍ତି, ଚିରଞ୍ଜୀବୀ ମହାପାତ୍ର, ହେମନ୍ତ କୁମାର ବିଶ୍ୱାଳ, ରଶ୍ମିପ୍ରିୟା ଜେନା, ସ୍ୱପ୍ନାରାଣୀ ମିଶ୍ର, ପ୍ରକାଶ ଦାସଙ୍କ ସମେତ ଗ୍ରାମବାସୀ ପ୍ରମୋଦ ଦାସ, ତପନ ସାମଲ, ସୂର୍ଯ୍ୟମଣି ସାହୁ, ପ୍ରଶାନ୍ତ ରାଉତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଦୀପକ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ■ଅକ୍ଷୟତୃତୀୟାକୁ ୨୦ ଦିନ ବିତିଲା

# ଚାଷୀଙ୍କୁ ମିଳିନି ଧାନ ବିହନ

**ରସୁଲପୁର,୨୬।୫(ଡିଏନଏ)**

ଅକ୍ଷୟ ତୃତୀୟାର ୨୦ଦିନ ପରେ ବି ଚାଷୀଙ୍କୁ ସ୍ୱଳ୍ପ ମିଆଦି ଧାନ ବିହନ ମିଳିନାହିଁ। ମାତ୍ର ଏ ଦିଗରେ କାହାରି ଚିନ୍ତା ନାହିଁ। କୃଷକଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଛି। ଚାଷୀଙ୍କୁ ସଅଳ ଧାନ ବିହନ ଏଯାବତ୍ ମିଳିନାହିଁ। ଯଦ୍ୱାରା ଚାଷୀଙ୍କ ପାଇଁ ସରକାରୀ ଯୋଜନା ମୂଲ୍ୟହୀନ ମନେହେଉଛି । ଏଭଳି ସ୍ଥିତି ରସୁଲପୁର ବ୍ଲକରେ ଦେଖିବାକୁ ମିଳିଛି । ସରକାରୀଙ୍କ ପକ୍ଷରୁ ସ୍ୱଳ୍ପ ମିଆଦି ଧାନ ବିହନ ନ ମିଳିବାରୁ ଚାଷୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ଚଳିତ ମାସ ଶେଷ ସୁଦ୍ଧା ଚାଷୀଙ୍କୁ ରିହାତି ଦରରେ ଧାନ ବିହନ ନ ମିଳିଲେ ନିଜସ୍ୱ ଉତ୍ପାଦିତ ବିହନକୁ ଭରଷା କରିବାକୁ ପଡିବ। ଫଳରେ ଚଳିତ ଖରିଫ ଋତୁରେ ଧାନ ଅମଳ ପ୍ରଭାବିତ ହେବାର ଢେର ସମ୍ଭାବନା ରହିଛି।

୨୦୧୯-୨୦ କୃଷି ବର୍ଷରେ ରସୁଲପୁର ବ୍ଲକର ୨ଟି ପଞ୍ଚାୟତରେ ୧୬ହଜାର ଏକର ଜମିରେ ଧାନଚାଷ ହେଉଛି । ସେଥିରୁ ୧୨ହଜାରରୁ ଊର୍ଦ୍ଧ୍ୱ ଚାଷ ଜମିରେ ସ୍ୱଳ୍ପ ମିଆଦି ଧାନଚାଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି। ଜମିର ଉର୍ବରତା ଦୃଷ୍ଟିରୁ ଗୋଟିଏ କୃଷି ବର୍ଷରେ ଚାଷୀମାନେ ଏକାଧିକ ଫସଲ ଅମଳ କରୁଛନ୍ତି। ଏଥି ସକାଶେ ସଅଳ ଧାନ କିସମ ବିହନକୁ ଗୁରୁତ୍ୱ ଦେଉଛନ୍ତି । ଧାନ ବିହନ ଅନୁକୂଳ ଅକ୍ଷୟ ତୃତୀୟାରୁ ହୋଇସାରିଛି। ଏହା ଭିତରେ ୩ ସପ୍ତାହ ବିତିବାକୁ ବସିଲାଣି। ବିଲକୁ ଧାନ ବିହନ ମୁଠେ ଯାଇନାହିଁ। ତେଣେ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ମୌସୁମୀ ଓଡିଶା ଛୁଇଁବ। ଏଥି ପୂର୍ବରୁ ଧାନ ବୁଣା ନ ହେଲେ ହଜାର ହଜାର ଏକର ଧାନକ୍ଷେତ ପଡିଆ ପଡିବ। ଏଭଳି ସ୍ଥିତି ପାଇଁ ସରକାରଙ୍କୁ ଦାୟୀ କରୁଛନ୍ତି ଏହି ବ୍ଲକ ଅଞ୍ଚଳର ଚାଷୀ । ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ସଅଳ କିସମ (୩ମାସ ଅବଧି) ଧାନ ଖଣ୍ଡଗିରି, ଉଦୟଗିରି, ନିଳଗିରି, ସହଭାଗୀ ଭଳି ଧାନ ରିହାତି ଦରରେ ଯୋଗାଇ ଦିଆଯାଇ ଆସୁଛି । ଏହି ଧାନ ବିହନ ପ୍ରତି ଚାଷୀଙ୍କର ବହୁଳ ଚାହିଦା ମଧ୍ୟ ରହୁଛି । ଉକ୍ତ ବିହନ ବ୍ୟବହାର କରି ଚାଷୀ କମ ଦିନରେ ଅଧିକ ଅମଳ କରିବାକୁ ସକ୍ଷମ ହୋଇପାରୁଛି। ମାତ୍ର ଚଳିତ ବର୍ଷ ସେଭଳି ସ୍ଥିତି ଉପୁଜିବ ନାହିଁ ବୋଲି ଜଣାପଡିଛି। ଚାଷୀଙ୍କ ପାଇଁ ସ୍ୱଳ୍ପ ମିଆଦି ବିହନ ମିଳୁନାହିଁ। ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବିହନ ପାଇଁ ବାରମ୍ବାର କୃଷି ବିଭାଗକୁ ଦୌଡାଦୌଡି କରି ହତାଶ ହେଉଛି । କେତେଜଣ ଚାଷୀ ନିଜସ୍ୱ ଉତ୍ପାଦିତ ବିହନକୁ ବ୍ୟବହାର କରୁଛନ୍ତି। ଏଥିରେ ଅମଳ କମିବା ସହ ବେଉଷଣ ଆଦିରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ ବୋଲି କୁହାଯାଉଛି । ତେବେ ଧାନ ବିହନ ଆଣିବା ଦାୟିତ୍ୱରେ ଥିବା ସମବାୟ ସଂସ୍ଥା, ଘରୋଇ ଡିଲର, ସୁରଭି ଭଳି ସଂସ୍ଥାମାନେ ସ୍ୱଳ୍ପ ମିଆଦି ଧାନ ବିହନ ମିଳୁ ନ ଥିବାରୁ ଅନ୍ୟ ଧାନ ବିହନ ଆଣିବା ଦିଗରେ ଆଗ୍ରହ ପ୍ରକାଶ କରୁନାହାନ୍ତି । ସେମାନଙ୍କ ମତରେ ମଞ୍ଜି ନିଗମ ପକ୍ଷରୁ ଶାରଦ ଧାନ ବିହନ ମିଳୁଛି ହେଲେ ବିଆଳି ଧାନ ବିହନ ମିଳୁନାହିଁ। ତେବେ ସେମାନେ ଅନାବଶ୍ୟକ ବିହନ ଆଣୁ ନ ଥିବା କଥା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରସୁଲପୁର ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ, ଜିଲାକୁ ଧାନ ବିହନ ଆସିଲାଣି। ମାତ୍ର ସଅଳ ଧାନ ବିହନ ମିଳୁ ନ ଥିବାରୁ ଡିଲରମାନେ ଆଣୁ ନ ଥିବା କଥାକୁ ସ୍ୱୀକାର କରିଛନ୍ତି। ପ୍ରକାଶଥାଉ କି, ଫନୀ ବାତ୍ୟାରେ ଏହି ଅଞ୍ଚଳର ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନଙ୍କ କ୍ଷତି ଭରଣା ଦିଗରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବେଳେ ଖରିଫ ଋତୁରେ ଚାଷୀଙ୍କୁ ସରକାରୀ ଧାନ ବିହନ ଯୋଗାଇ ଦିଆ ନ ଯିବା ଘଟଣା ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଛି।

**■ମିଳୁନି ସଅଳ ଧାନ ବିହନ**
**■ନିଜସ୍ୱ ଉତ୍ପାଦିତ ବିହନ ଭରସାରେ ଚାଷୀ**

## ସଂକ୍ଷେପରେ

### ମଣିକୁଣ୍ଡାରେ ଅତନୁଙ୍କୁ ସମ୍ବର୍ଦ୍ଧନା



ମାର୍ଶାଘାଇ,୨୬।୫(ଡିଏନଏ): ମହାକାଳପଡା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିବା ଅତନୁ ସବ୍ୟସାଚୀ ନାୟକଙ୍କୁ ଶନିବାର ମାର୍ଶାଘାଇ ବ୍ଲକର ମଣିକୁଣ୍ଡା ଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ଅତନୁ ମହାକାଳପଡା ବ୍ଲକ ରାମନଗରର ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀଙ୍କ ଦର୍ଶନ ପାଇଁ ଯିବା ସମୟରେ ମଣିକୁଣ୍ଡା ବ୍ରାହ୍ମଣୀଅଣ୍ଟା ଛକ ନିକଟରେ ପଞ୍ଚାୟତର ବିଜୁ ଜନତା ଦଳ ସଭାପତି ବିପିନ ବିହାରୀ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ଜନସାଧାରଣ ତାଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ। ନିମାଇଁ ଚରଣ ଜେନା, ଶୁକଦେବ ଜେନା, ବିକାଶ ଚନ୍ଦ୍ର ସିଂ,ପୀତାମ୍ବର ମଲ୍ଲ,ଡମ୍ବରୁଧର ସାହୁ,ପୁଲକ କୁମାର ରଥ,କେଶବ ଦାଶ,ବାବାଜୀ ମଲିକ,କ୍ଷୀରୋଦ ଚନ୍ଦ୍ର ଦାସ,ଶଶୀକାନ୍ତ ଗୋଛାୟତ, ଜଗବନ୍ଧୁ ସ୍ୱାଇଁ, ବିପିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କାଳବୈଶାଖୀ: ୧୯ ଘଣ୍ଟା ବିଜୁଳି ଯୋଗାଣ ବ୍ୟାହତ

ମାର୍ଶାଘାଇ,୨୬।୫ (ଡିଏନଏ): ଶନିବାର ସନ୍ଧ୍ୟାରେ ମାର୍ଶାଘାଇ ଅଞ୍ଚଳରେ କାଳବୈଶାଖୀ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିବା ସହିତ ବିଜୁଳି ଯୋଗାଣ ସଂପୂର୍ଣ୍ଣ ବ୍ୟାହତ ହୋଇଥିଲା। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ଓ ଘଡଘଡି ହୋଇଥିଲା। ଫଳରେ ଦୁମୁକା ଓ ଆଖପାଖ ଗ୍ରାମରେ ଅନେକ ଗଛ ଡାଳ ଭାଙ୍ଗି ଯାଇଛି। ମାର୍ଶାଘାଇ ଲକ୍ ଛକ ନିକଟରେ ଥିବା ୩ଟି କଦମ୍ବ ଗଛର ବଡ ବଡ ଡାଳ ଭାଙ୍ଗି ଯାଇଛି। କୁମ୍ଭାରସାହିର ଦିବାକର ବେହେରାଙ୍କ ଚାଳଛପର ଘରେ ପାଣି ପଶିଯିବାରୁ ଘରେ ଥିବା କଞ୍ଚାମାଟିର ହାଣ୍ଡି,କଳସୀ,ଧୂପଦାନୀ ଆଦ ଭିଜି ଭାଙ୍ଗି ଯାଇଛି। ଝଡତୋଫାନ ଥମିବାର ପ୍ରାୟ ଦୁଇ ଘଣ୍ଟା ପରେ କେତେକ ସ୍ଥାନରେ ବିଜୁଳି ଆସିଥିଲେ ବି ଅଧିକାଂଶ ଗ୍ରାମ ରାତି ସାରା ଅନ୍ଧାରରେ ରହିଥିଲା। ରବିବାର ଦିନ ପ୍ରାୟ ଦୁଇଟା ପରେ ବିଜୁଳି ଯୋଗାଣ ସ୍ୱାଭାବିକ ହୋଇଥିଲା।

### ପୃଥକ୍ ଦୁର୍ଘଟଣା: ଡେରାବିଶ ଅଞ୍ଚଳର ୩ ମୃତ, ଜଣେ ଗୁରୁତର

ଡେରାବିଶ, ୨୬।୫ (ସ୍ୱ.ପ୍ର.) ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟି ରବିବାର ଡେରାବିଶ ବ୍ଲକ ଅଞ୍ଚଳର ୩ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବ୍ଲକ ଅଧିନ ଏଣ୍ଡର ପଞ୍ଚାୟତ କୁସୁନୁପୁର ଗ୍ରାମର ପବିତ୍ର ମୋହନ ମଲ୍ଲିକ (୫୦), ଧ୍ରୁବାନନ୍ଦ ଘଡ଼େଇ (୬୦) ଓ ଚାନ୍ଦୋଳ ପଞ୍ଚାୟତ ଗୌଡ଼ବିଶି ଗ୍ରାମର ଶରତ ବେହେରା (୪୨)। କୁସୁନୁପୁର ଗ୍ରାମର ନାରାୟଣ ସାମଲ (୫୦) ଗୁରୁତର ହୋଇଛନ୍ତି।

ଗୌଡ଼ବିଶି ଗ୍ରାମର ଶରତ ବେହେରା ଅପରାହ୍ନରେ ଜାରକା ଅଞ୍ଚଳରୁ ରାଜମିସ୍ତ୍ରି କାମ ସାରି ଫେରୁଥିବା ବେଳେ ବାଲିଚନ୍ଦ୍ରପୁର ଥାନା ଉଦୟଗିରି ଛକରେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି କୁସୁନୁପୁର ଗ୍ରାମର ପବିତ୍ର ଜଗତସିଂହପୁର ଅଞ୍ଚଳରେ ସାନଭାଇଙ୍କ ନିର୍ବନ୍ଧ କାର୍ଯ୍ୟ ଶେଷ କରି ଫେରୁଥିଲେ। କଟକ-ପାରାଦ୍ୱୀପ ରାସ୍ତାର ରଘୁନାଥପୁର ଛକ ନିକଟରେ ତାଙ୍କ ବାଇକ୍ ସହ ଏକ ସ୍କୁଟି ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ପବିତ୍ର ଓ ତାଙ୍କ ସହ ବାଇକ୍‌ରେ ଆସୁଥିବା ଧ୍ରୁବାନନ୍ଦଙ୍କ ମୃତ୍ୟୁ ଘଟିଥିଲା ବେଳେ ଗୁରୁତର ଅବସ୍ଥାରେ ନାରାୟଣଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୋଟିଏ ଦିନରେ ୩ ଜଣଙ୍କ ମୃତ୍ୟୁ ଓ ଅନ୍ୟ ଜଣେ ଗୁରୁତର ହେବା ଘଟଣା ପରେ ସମଗ୍ର ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜିଲାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

- ମ୍ୟାଲେରିଆ ଆଶଙ୍କାରେ ଲୋକେ ଭୟଭୀତ
- ୫୪ ଗ୍ରାମ ମ୍ୟାଲେରିଆ ପ୍ରବଣଭାବେ ଚିହ୍ନଟ
- ୨୦୧୮ ଜୁଲାଇ ଶେଷ ସୁଦ୍ଧା ୮ ହଜାରରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ

କେନ୍ଦ୍ରାପଡା ଅଫିସ, ୨୬।୫

ଆସନ୍ତା ଜୁନ ସୁଦ୍ଧା ଓଡ଼ିଶାରେ ମୌସୁମୀ ବାୟୁ ପ୍ରବାହିତ ହେବ ବୋଲି ପାଣି ବିଭାଗ ପୂର୍ବନୁମାନ କରିଛି । ମାତ୍ର ଏହି ସୂଚନାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ, ବ୍ଲକ, ଜିଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ଅଣଦେଖା କରାଯାଉଛି । ଫଳରେ ଜିଲାବାସୀ ମ୍ୟାଲେରିଆ କବଳରେ ପଡ଼ିବାର ଆଶଙ୍କା ରହିଛି ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି । ସୂଚନାଯୋଗ୍ୟ, ବର୍ଷା ଆସିଲେ ଡ଼େଙ୍ଗୁ, ମ୍ୟାଲେରିଆ ଓ ଝାଡ଼ାବାନ୍ତି ଆଦି ଜଳବାହିତ ରୋଗବାହକଙ୍କ ବଂଶ ବୃଦ୍ଧି ଘଟେ। ଏହାର ନିରାକରଣ ଓ ସମୟୋଚିତ ପଦକ୍ଷେପ ପାଇଁ ରାଷ୍ଟ୍ରୀୟ ଓ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଜନ ସଚେତନା କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଜୋରଦାର କରିବା ସହ ପରିମଳ ବ୍ୟବସ୍ଥାକୁ ସଜାଡ଼ିବା ହେଉଛି ଜିଲା ପ୍ରଶାସନର ଦାୟିତ୍ୱ। ମାତ୍ର ଆଗାମୀ ବର୍ଷା ଋତୁରେ ଜଳବାହିତ ରୋଗର ମୁକାବିଲା ପାଇଁ ଜିଲା ଓ ବ୍ଲକ ପ୍ରଶାସନ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହା ଦୁର୍ଭାଗ୍ୟଜନକ ବୋଲି ସହରର ମନୋଜ କୁମାର କର କହିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ୫୪ ଗ୍ରାମ ମ୍ୟାଲେରିଆପ୍ରବଣ ଚିହ୍ନଟ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇରେ ଏହାର ପ୍ରଭାବ ବେଶି ରହିଛି। ୨୦୧୯ ଏପ୍ରିଲ ୨୫ ସୁଦ୍ଧା ଜିଲାର ୧୫୨ ଜଣ ମ୍ୟାଲେରିଆ ରୋଗରେ ପୀଡିତ ଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି । ଏହାବ୍ୟତୀତ ପ୍ରତିବର୍ଷ ଡେଙ୍ଗୁ ଓ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢୁଛି । ୨୦୧୮ ଜୁଲାଇ ଶେଷ ସୁଦ୍ଧା ଜିଲାର ୮ ହଜାରରୁ ଊର୍ଦ୍ଧ୍ୱ ଝାଡାବାନ୍ତି ରୋଗୀରେ ପୀଡିତ ହୋଇଛନ୍ତି। ଏ ସମ୍ପର୍କରେ ଡା. ରମେଶଚନ୍ଦ୍ର ମଲ୍ଲିକ କୁହନ୍ତି ଯେ, ଜଳବାହିତ ରୋଗ ପାଇଁ ସମସ୍ତେ ସଚେତନ ହେବା ଦରକାର। ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ପ୍ରବଳ ଜ୍ୱର ଆସିବା ପରି ଲକ୍ଷଣ ଦେଖାଗଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପରୀକ୍ଷା କରାଇବା ଆବଶ୍ୟକ ବୋଲି କହିଛନ୍ତି। ରାଜନଗର ବ୍ଲକ ଅନ୍ତର୍ଗତ ମଗରକନ୍ଦାର ମହେଶ୍ୱର ଯେନା, ମହାକାଳପଡ଼ା ବ୍ଲକ ତନ୍ତିଆପାଳ ଗ୍ରାମର ହୃଷୀକେଶ ଦାଶ, ଆଳି ବ୍ଲକ ସାନମଙ୍ଗର ଆଶୁତୋଷ ସ୍ୱାଇଁ ପ୍ରମୁଖ କୁହନ୍ତିଯେ ତାଙ୍କ ଘର ନିକଟରୁ ଅନ୍ୟୂନ ୧୦ କିଲୋମିଟର ଦୂରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ରାସ୍ତା ବେହାଲ ଥିବାରୁ ବର୍ଷାଦିନେ ଚିକିତ୍ସାଳୟକୁ ଯାତାୟତରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବର୍ଷା ଋତୁରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମକୁ ଅନ୍ୟୂନ ୧୫ ଦିନରେ ଥରେ କ୍ୟାମ୍ପ କରି ବିଭିନ୍ନ ରୋଗର ରକ୍ତ ପରୀକ୍ଷା କରାଇଲେ ଏହାର ସୁଫଳ ମିଳିପାରନ୍ତା ବୋଲି ସେ କହିଛନ୍ତି। ମନକରପୁରର ଗୋଲେଖ ଚନ୍ଦ୍ର ପଡ଼ିଆରୀ ପରିମଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟସେବା ନେଇ ଅସନ୍ତୋଷବ୍ୟକ୍ତ କରି କହିଛନ୍ତି ଯେ, ଜିଲାରେ ପୁରୁଣା ଢାଞ୍ଚାରେ ପ୍ରସ୍ତୁତ ହୋଇଥିବା ସ୍ୱେରେଜ ସିଷ୍ଟମ ଏବେ କାମ କରୁନାହିଁ। ଏହି ଡ୍ରେନେଜ୍ ସିଷ୍ଟମଗୁଡିକର ପୁନରୁଦ୍ଧାର କରା ନ ଯାଇ କେବଳ ନୂତନ ରାସ୍ତା ନିର୍ମାଣ ଚାଲିଛି। ଫଳରେ ବର୍ଷା ଓ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇ ନ ପାରି ଖାଲୁଆ ସ୍ଥାନରେ ଜମି ରହୁଛି। ଏହାବ୍ୟତୀତ ସହରରେ ବହୁ ପୋଖରୀ, ଗଡିଆରେ ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ମଶା ମାଛିଙ୍କ ଉତ୍ପତ୍ତିସ୍ଥଳ ପାଲଟିଛି । ଫଳରେ ପ୍ରତ୍ୟେକ ବର୍ଷ ମେଲେରିଆ ସହିତ ଝାଡାବାନ୍ତି ରୋଗ ବ୍ୟାପିବାର ଲାଗିଛି। କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜସ ସମ୍ପାଦକ ମହମ୍ମଦ ଜାହିଦ୍ ଖାନ କୁହନ୍ତିଯେ ଜିଲାରେ ପ୍ରତିବର୍ଷ ନିଧିମଉସା ସଚେତନତା ରଥ, ମୋ ମଶାରୀ, ପୌରାଞ୍ଚଳ ମଶାମରା ଅଭିଯାନ ପାଇଁ ସରକାରଙ୍କ ପକ୍ଷରୁ ଔଷଧ ଓ ଅନୁଦାନ ରାଶି ଆସୁଛି । ମାତ୍ର ଏହି ଅନୁଦାନ ରାଶି କାଗଜ କଲମରେ ଠିକ୍ ଥିବାବେଳେ ବାସ୍ତବରେ ହଡ଼ପ ହେବାରେ ଲାଗିଛି । ଏ ସମ୍ପର୍କରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର କୁହନ୍ତି, ଆଗାମୀ ଜୁନରେ ମ୍ୟାଲେରିଆ ନିରାକରଣ ମାସ ଭାବେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଏକ ଟ୍ୟାକ୍ସଫୋର୍ସ କମିଟି ଗଠନ ହୋଇ ମ୍ୟାଲେରିଆ ନିରାକରଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ମିଶ୍ର କହିଛନ୍ତି।

## ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

ଡେରାବିଶ, ୨୬।୫ (ସ୍ୱ.ପ୍ର.)

ଡେରାବିଶ ବଜାରରେ ଥିବା ଆକ୍ସିସ୍ ବ୍ୟାଙ୍କ ଏଟିଏମ୍‌କୁ ଶନିବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ପୋଲିସ୍ ପାଟ୍ରୋଲିଂ ଚାଲିଥିବାରୁ ଦୁର୍ବୃତ୍ତମାନେ ଏଟିଏମ୍‌ଟିକୁ ଅଧାଭଙ୍ଗା ଅବସ୍ଥାରେ ଛାଡ଼ି ପଳାଇଥିବା ଜଣାପଡ଼ିଛି। ଖବରପାଇ ଥାନା ଅଧିକାରୀ ଉମାକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଦୁର୍ବୃତ୍ତମାନେ ଏଟିଏମ୍‌ରେ ଲାଗିଥିବା ସିସିଟିଭି ଭାଙ୍ଗି ଦେଇଥିବା ଯୋଗୁ ପୋଲିସ ଦୁର୍ବୃତ୍ତଙ୍କ ପରିଚୟ ପାଇ ପାରିନାହିଁ। ରବିବାର ସକାଳେ ଥାନା ଅଧିକାରୀଙ୍କଠାରୁ ଖବରପାଇ ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀ ଏଟିଏମ୍ ଯାଞ୍ଚ କରିଥିଲେ। ତେବେ ଦୁର୍ବୃତ୍ତମାନେ କେବଳ ଏଟିଏମ୍ କଭର ଭାଙ୍ଗି ଦେଇଥିବା ବେଳେ ଟଙ୍କା ନେଇ ପାରି ନ ଥିବା ବ୍ୟାଙ୍କ ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ବ୍ୟାଙ୍କ ପକ୍ଷରୁ ଏକ ଏତଲା ଦିଆଯାଇଛି।

## ୟୁଏନ୍‌ଡିପି, ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କ ବାତ୍ୟା ସମୀକ୍ଷା

କେନ୍ଦ୍ରାପଡା ଅଫିସ, ୨୬।୫

ବାତ୍ୟା ଫନୀର କ୍ଷୟକ୍ଷତି ସମ୍ପର୍କରେ ୟୁଏନ୍‌ଡିପି ଓ ବିଶ୍ୱବ୍ୟାଙ୍କ ଦଳ ରବିବାର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଚାଷ, ବାସଗୃହ, ତତ୍କାଳ ସମୟରେ ସ୍ଥାନାନ୍ତର, ରିଲିଫ ବ୍ୟବସ୍ଥା ଓ ଆବଶ୍ୟକ ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା ହୋଇଥିଲା । ବାତ୍ୟା ସମୟରେ ଜିଲା ୧ଲକ୍ଷ ୧୭ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏଥିସହ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଜିଲାବାସୀଙ୍କୁ ତତ୍କାଳ ରିଲିଫ ସାମଗ୍ରୀର ବ୍ୟବସ୍ଥା ହୋଇଥିଲା । ଏହି ସମୟରେ ମୃତ ୩ ଜଣ ବ୍ୟକ୍ତିଙ୍କ କ୍ଷତିପୂରଣ, ପାନୀୟ ଜଳ ଓ ବିଦ୍ୟୁତ ବ୍ୟବସ୍ଥାର ପୁନରୁଦ୍ଧାର ସମ୍ପର୍କରେ ପ୍ରତିନିଧି ଦଳଙ୍କୁ ସୂଚନା ଦିଆଯାଇଥିଲା । ବୈଠକରେ ଅଢ଼େଇ ଲକ୍ଷ ଚାଷୀ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ନେଇ ଆଲୋଚନା ହୋଇଥିଲା। ଏନେଇ ଜିଲା ପ୍ରଶାସନ ପକ୍ଷରୁ ୧,୨୫,୪୦,୬୮୫ ଟଙ୍କା ଆବଶ୍ୟକ ବୋଲି ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏନେଇ ଜିଲାପାଳ ପ୍ରେମଚାନ୍ଦ ଶତପଥୀ ସୂଚନା ଦେଇଛନ୍ତି। ବୈଠକରେ ବିଶ୍ୱବ୍ୟାଙ୍କ ପ୍ରତିନିଧି ଅନୁପ କରଞ୍ଜି, ଏସ୍ ଆରୋରା, ୟୁଏନ୍‌ଡିପିର ଆଭା ମିଶ୍ର, ମେଘନାଦ ବେହେରା, ପିଡି ଦିଲୀପ କୁମାର ପରିଡା, ଜିଲା ଜରୁରିକାଳୀନ ଅଧିକାରୀ ସସ୍ମିତ ଶତପଥୀଙ୍କ ସମେତ, କୃଷି, ପ୍ରାଣୀ ସମ୍ପଦ ଓ ବିଦ୍ୟୁତ ଆଦି ବିଭାଗର ଅଧିକାରୀ ସାମିଲ ହୋଇଥିଲେ ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



ପଟ୍ଟାମୁଣ୍ଡାଇ,୨୬।୫(ସ୍ୱ.ପ୍ର)-ଶନିବାର ସନ୍ଧ୍ୟାରେ ଘଡଘଡି ପଡି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧୀନ ଚାପଡା ଗ୍ରାମର ରବିନ୍ଦ୍ର ରାଉତଙ୍କ ୪ ବଖରା ଘର ସଂପୂର୍ଣ୍ଣ ପୋଡି ଯାଇଥିଲା । ଖବରପାଇ ରବିବାର ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ନବନିର୍ବାଚିତ ସଦସ୍ୟ ଧ୍ରୁବ ଚରଣ ସାହୁ ଅଗ୍ନିବିପନ୍ନ ରାଉତଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି । ତାଙ୍କ ସହିତ ବିଜେଡି କର୍ମୀମାନେ ଯାଇଥିଲେ ।

## ଗର୍ତ୍ତେଶ୍ୱର ମହାଦେବଙ୍କ ଶୀତଳ ଷଷ୍ଠୀ ପାଇଁ ଦେବ ଦମ୍ପତିଙ୍କ ନିର୍ବନ୍ଧ

ରାଜନଗର,୨୬।୫(ଡି.ଏନ.ଏ.)

ରାଜନଗର ବ୍ଲକର ମୁଖଶାଳାରେ ଥିବା ସର୍ବପୁରାତନ ଶୈବପୀଠ ଗୋସିଗାଁର ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ଶୀତଳ ଷଷ୍ଠୀ ପାଇଁ ରବିବାର ଦେବଦମ୍ପତିଙ୍କ ନିର୍ବନ୍ଧ ଶେଷ ହୋଇଛି। ଚଳିତବର୍ଷ ଦେବଦମ୍ପତିଙ୍କ ବିବାହ ମହୋତ୍ସବ ପାଇଁ ନୁରୁଗାଁର ରାମଚନ୍ଦ୍ର ସ୍ୱାଇଁ, ପଦ୍ମାବତୀ ସ୍ୱାଇଁ ମାତା ପାର୍ବତୀଙ୍କ ପିତା ଓ ମାତା ଭାବେ ଏବଂ ମହାଦେବଙ୍କର ପିତା ମାତା ଭାବେ ଜଗନ୍ନାଥପୁର ଗ୍ରାମର କାଶୀନାଥ ପ୍ରଧାନ ଓ ଦେବକୀ ପ୍ରଧାନ ମନ୍ଦିର ପରିସରରେ ପହଞ୍ଚି ଦେବ ପରମ୍ପରା ଅନୁଯାୟୀ ନିର୍ବନ୍ଧ କାର୍ଯ୍ୟ ଶେଷ କରିଥିଲେ। ଦେବ ଦମ୍ପତିଙ୍କ ନିର୍ବନ୍ଧ କାର୍ଯ୍ୟକୁ ଗର୍ତ୍ତେଶ୍ୱର ମହାଦେବଙ୍କ ପୂଜକ ଅକ୍ଷୟ କୁମାର ମିଶ୍ର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୈଳାସ ସ୍ୱାଇଁ, ସର୍ବେଶ୍ୱର ସ୍ୱାଇଁ, ବଲ୍ଲଭ ବଳ, ବିଷ୍ଣୁଚରଣ ବଳ, ଅଶୋକ କୁମାର ପ୍ରଧାନ, ଚନ୍ଦ୍ରମଣି ରାଉତ, ରଞ୍ଜନ ପାଢୀ, ଗଣେଶ ପ୍ରସାଦ ରାଉତ, କ୍ଷୀରୋଦ ରାଉତ, ଶୈଳେନ୍ଦ୍ର ସ୍ୱାଇଁ, ଅନନ୍ତ କିଶୋର ରାଉତଙ୍କ ସମେତ ଉଭୟ ବର ଓ କନ୍ୟାଙ୍କ ଦାୟିତ୍ୱ ନେଇଥିବା ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ ପାଇଁ ବୈଠକ



କେନ୍ଦ୍ରାପଡା ଅଫିସ, ୨୬।୫

ପୂର୍ତ୍ତ ବିଭାଗ ଅଧୀନ ବସପୁର-କେନ୍ଦ୍ରାପଡା ରାସ୍ତା ଏବେ ନିର୍ମାଣାଧୀନ। ଏହି ରାସ୍ତାର ଶ୍ୟାମସୁନ୍ଦରପୁର ଠାରେ ରାସ୍ତାକୁ ଅବରୋଧ କରାଯାଇଥିବାରୁ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ତହସିଲଦାର ହେମଲତା ବାହାଲିଆଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ୟାମସୁନ୍ଦରପୁର ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ରାସ୍ତାକୁ ଅବରୋଧ କରୁଥିବା କେତେକ ଅନୁଷ୍ଠାନର ପାଚେରିକୁ ତୁରନ୍ତ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଅତିରିକ୍ତ ତହସିଲଦାର ନମିତା ବାରିକ, ଭରତପୁର ଆରଆଇ ମୋନାଲିସା ବେହେରା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଦାସ, ରମେଶ ଚନ୍ଦ୍ର ମହାନ୍ତି, ଅନନ୍ତ ଚରଣ ମହାରଣା, ବ୍ରଜକିଶୋର ମହାରଣା, ପୂର୍ବତନ ସରପଞ୍ଚ ଶାରଦା ପ୍ରସନ୍ନ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ସୋଲାର ଲାଇଟ୍ ଟଙ୍କା ଆତ୍ମସାତ୍ ଅଭିଯୋଗ ଘଟଣା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଡେରାବିଶ, ୨୬।୫ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ହରିଅଙ୍କ ପଞ୍ଚାୟତର ମୁଣ୍ଡାଳୋ ଗ୍ରାମ ଆଲୋକୀକରଣ ନିମନ୍ତେ ସୋଲାର ଲାଇଟ୍ ଲଗାଯିବା ପାଇଁ ଆସିଥିବା ସରକାରୀ ଅର୍ଥକୁ ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆତ୍ମସାତ୍ କରିଛନ୍ତି। ଏପରି ଅଭିଯୋଗ ଆଣି ମୁଣ୍ଡାଳୋ ଗ୍ରାମବାସୀ ଶନିବାରଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଶନିବାର ରାତି ୧୦ଟା ବେଳେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୁଦର୍ଶନ ସାହୁ ଧାରଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ସୋମବାର ସୁଦ୍ଧା ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୨୦୧୬-୧୭ ଆର୍ଥିକ ବର୍ଷରେ ବରାଦ ଅର୍ଥରାଶିକୁ ସମ୍ପୂର୍ଣ୍ଣ ଖର୍ଚ୍ଚ ନ କରି ଆତ୍ମସାତ୍ କରିଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ସରପଞ୍ଚ ଯୁଗଳ କିଶୋର ମହାନ୍ତିଙ୍କୁ ପଚାରିବାରୁ ସେ ସମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦରେ ଗ୍ରାମବାସୀ ଧାରଣା ଦେଇଥିଲେ।

## ଗଡମେକର ପକ୍ଷରୁ ଗୋପାଳ ଦାଶ, ଭଜନ ସମ୍ରାଟଙ୍କ ଜୟନ୍ତୀ ପାଳିତ

ପଟ୍ଟାମୁଣ୍ଡାଇ, ୨୬।୫ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଅଞ୍ଚଳର ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ ସାଂସ୍କୃତିକ ସଂଗଠନ (ଗଡ୍‌ମେକର୍) ପକ୍ଷରୁ ରବିବାର ପୂର୍ବାହ୍ନରେ ଗଣକବି ଗୋପାଳ ଦାଶଙ୍କ ୧୪୪ ତମ ଓ ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୧ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତିଷ୍ଠାନ ପରିସରରେ ଆୟୋଜିତ ଏହି ଉତ୍ସବରେ ଗଡମେକର୍ ପ୍ରତିଷ୍ଠାତା ସଭାପତି ଗୀତିକବି ସୁଶାନ୍ତ ପାଣି ପୌରୋହିତ୍ୟ କରିଥିଲେ । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସଙ୍ଗୀତଜ୍ଞ ଅଖିଳ କୁମାର ଲେଙ୍କା, ମୁଖ୍ୟବକ୍ତା ଭାବେ ଚିତ୍ରଶିଳ୍ପୀ ରମେଶ କୁମାର ଦେ ଯୋଗ ଦେଇ ପଞ୍ଚକଳା ପ୍ରତିଷ୍ଠାନ ପକ୍ଷରୁ ପୂଜ୍ୟପୂଜାର ପରମ୍ପରା ବଜାୟ ରଖିବା ଉଦ୍ୟମ ଜାରି ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ତାଳବାଦ୍ୟ ଗୁରୁ ସମୀରଞ୍ଜନ ଦାସ, ନୃତ୍ୟଗୁରୁ ବିଜୟ କୁମାର ଦାଶ ଯୋଗ ଦେଇଥିଲେ । ସହକାରୀ ସଙ୍ଗୀତ ଶିକ୍ଷୟିତ୍ରୀ ଇନ୍ଦୁଲତା ପରିଡା ପ୍ରାରମ୍ଭିକ ସୂଚନା ଓ କଳାକାର ରବୀନ୍ଦ୍ର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଗଡ୍‌ମେକର୍ ପରିଚାଳିତ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିରର କଳା ଶିକ୍ଷାର୍ଥୀ ଗଣ, ଛାତ୍ରାଭିଭାବକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ସଂଗଠନ ସମ୍ପାଦକ ଧ୍ରୁବ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଗଡମେକର କର୍ମକର୍ତ୍ତା ।

## ପଟ୍ଟାମୁଣ୍ଡାଇ ବ୍ଲକରେ ମାଟ୍ରିକ ପରୀକ୍ଷା ପାସ୍ ହାର ୭୩ ପ୍ରତିଶତ



ନିବେଦିତା ସାହୁ



ରାଜ ନାରାୟଣ

ପଟ୍ଟାମୁଣ୍ଡାଇ,୨୬।୫(ସ୍ୱ.ପ୍ର)

ନିକଟରେ ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳ ଅନୁଯାୟୀ ପଟ୍ଟାମୁଣ୍ଡାଇ ବ୍ଲକରେ ପାସ ହାର ୭୩ ପ୍ରତିଶତ ରହିଛି । ଚଳିତବର୍ଷ ଏହି ବ୍ଲକର ୨୯୭୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ମୋଟ୍ ୨୪୫୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଛାତ୍ରୀଛାତ୍ର ଏୱାନ୍ ଗ୍ରେଡ୍‌ରେ ୫୪୦ ଲେଖାଁଏ ନମ୍ବର ରଖିଛନ୍ତି । ଏୱାନ୍ ଗ୍ରେଡରେ ପାଶ କରିଥିବା ଛାତ୍ର ଜଣକ ହେଲେ ମଣ୍ଡପଡା ଭଜନେଶ୍ୱର ହାଇସ୍କୁଲର ରାଜ ନାରାୟଣ ପ୍ରଧାନ । ରାଜ ନାରାୟଣ ମଣ୍ଡପଡା ଗ୍ରାମର ଯଯାତି କେଶରୀ ପ୍ରଧାନ ଓ ଝରଣା ପ୍ରଧାନଙ୍କ ସାନ ପୁଅ। ସେ ପଠାଣି ସାମନ୍ତ ମେଧାବୃତ୍ତି ଓ ବିଜ୍ଞାନ ଅଲମ୍ପିଆଡ୍ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଗାମୀ ଦିନରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବା ତାଙ୍କର ଲକ୍ଷ୍ୟ ରହିଛି । ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଓଉପଦା ଏମୱାଇ ଶିକ୍ଷା ନିକେତନ ଛାତ୍ରୀ ନିବେଦିତା ସାହୁ ଏୱାନ୍ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ଜନସେବା କରିବା ତାଙ୍କର ଲକ୍ଷ୍ୟ । ନିବେଦିତା ଓଉପଦା ଗ୍ରାମର ଶରତ କୁମାର ସାହୁ ଓ ତିଳୋତ୍ତମା ସାହୁଙ୍କ ବଡ ଝିଅ । ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ଗ୍ରାମବାସୀ ଓ ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି । ତେବେ ଏଥର ପାସ ହାର ସନ୍ତୋଷଜନକ ନୁହେଁ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି।

## ▪ ପରାଜୟ ପରେ କଂଗ୍ରେସର ବୈଠକ

# ଦୁର୍ବଳ ସଂଗଠନକୁ ଦାୟୀ କଲେ କର୍ମୀ

ରାଜନଗର,୨୬।୫(ଡିଏନଏ)

ଚଳିତ ନିର୍ବାଚନରେ ରାଜନଗର ବିଧାନସଭା ଆସନକୁ ବିଜେଡି ହାତେଇ ନେଇଛି। ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ୧୮,୪୦୮ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଛନ୍ତି । ୨୦୧୪ରେ ଅଂଶୁମାନ ବିଜୟୀ ହୋଇଥିବା ବେଳେ ଚଳିତ ନିର୍ବାଚନରେ ଦଳ କାହିଁକି ପରାଜୟ ବରଣ କଲା ସେ ନେଇ ରବିବାର ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ନଂ ଜୋନ କଂଗ୍ରେସ ସଭାପତି ଅଶୋକ କୁମାର ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପ୍ରାୟ ୪ଶହ ଆଗଧାଡିର କର୍ମୀ ଯୋଗ ଦେଇଥିଲେ। ବୈଠକରେ ନିର୍ବାଚନରେ ଦଳର ପରାଜୟକୁ ନେଇ କର୍ମୀମାନେ ମତ ରଖିଥିଲେ। ପରାଜୟ ପାଇଁ କଂଗ୍ରେସ ନିଜକୁ ଦାୟୀ କରିଛି। ସଂଗଠନ ଦୁର୍ବଳ ଥିବାରୁ ପରାଜୟ ବରଣ କରିବାକୁ ପଡିଲା ବୋଲି ଅଧିକାଂଶ କର୍ମୀ ମତ ଦେଇଥିଲେ। ଏଥିସହ ଶାସକ ଦଳର କଳାଟଙ୍କା କାରବାର ଓ ଇଭିଏମ ତ୍ରୁଟି ପରାଜୟର ଅନ୍ୟତମ କାରଣ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଦଳର ପରାଜୟ ପରେ ଦଳ ସହ ଥିବା କଂଗ୍ରେସ କର୍ମୀଙ୍କ ଅସୁବିଧା ସମୟରେ ସହଯୋଗ କରିବା ପାଇଁ ଏକ ୧୩ଜଣିଆ କମିଟି ଗଠନ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଅରୁଣ କୁମାର ରାଉତ, ୩୧ ନଂ ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା, କଂଗ୍ରେସ ନେତା ରଞ୍ଜନ କୁମାର ମହାନ୍ତି, ପ୍ରମୋଦ କୁମାର ପ୍ରଧାନ, ଦିଲ୍ଲୀପ କୁମାର ସିୟ, ବନମାଳୀ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ଶୁକଦେବ ଭଦ୍ର, କାହ୍ନୁ ଚରଣ ପରିଡା, ମୋହନ କୁମାର ଦାସ, ଅଶୋକ କୁମାର ବଳ, ଅକ୍ଷୟ ସାମଲ, ଖଗେଶ୍ୱର ଲେଙ୍କା ପ୍ରମୁଖଙ୍କୁ ନେଇ କମିଟି ଗଠନ କରାଯାଇଛି। ବୈଠକରେ କଂଗ୍ରେସ ନେତା ମେଘୁ ପ୍ରଧାନ, ନୀଳମଣି ପ୍ରଧାନ, ବିଜୟ ମଲ୍ଲିକ, ହୃଷୀକେଶ ପ୍ରଧାନ, କଳାକାର ସାମଲ, ପ୍ରଭାତ ଚନ୍ଦ୍ର ମିଶ୍ର, ଶତ୍ରୁଘ୍ନ ପରିଡା, ରବୀନ୍ଦ୍ର ନାଥ ପାତ୍ର, ସତ୍ୟବାନ ସେଠୀ, ବାସୁଦେବ ପାଣି, ଅଭିମନ୍ୟୁ ବରାଳ, ସୁଦର୍ଶନ ରାଉତ, ବାଲ୍ମିକୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# କଂଗ୍ରେସ ଭୋଟ ହାର ବଢ଼ିବା ସତ୍ତ୍ୱେ ଜିତିଲା ବିଜେଡି

ଜଗତ୍‌ସିଂହପୁର ଅଫିସ,୨୬।୫

ବିଗତ ନିର୍ବାଚନଗୁଡିକରେ ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି-କଂଗ୍ରେସ ମଧ୍ୟରେ ଲଢେଇ ହୋଇଆସିଛି। ଏଥର ମଧ୍ୟ ଅନୁରୂପ ଲଢେଇ ହୋଇଛି। କିନ୍ତୁ କଂଗ୍ରେସର ଭୋଟ ହାର ଜିଲାର ୩ ନିର୍ବାଚନମଣ୍ଡଳୀରେ କମିଥିବାବେଳେ କେବଳ ବାଲିକୁଦା-ଏରସମାରେ ବଢିଛି। କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ରଙ୍କ ସାଙ୍ଗଠନିକ ଦକ୍ଷତା ଓ ମେଳାପୀ ସ୍ୱଭାବ ପାଇଁ ଏହା ସମ୍ଭବ ହୋଇଛି। ତେବେ ଦଳୀୟ ନେତୃତ୍ୱଙ୍କ ଅଣଦେଖା ଯୋଗୁ ସେ ପରାଜିତ ହୋଇଥିବା କୁହାଯାଉଛି। ସେହିପରି ଏହି ନିର୍ବାଚନମଣ୍ଡଳୀରୁ ଦଳୀୟ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଥିବା ୨ ଜଣ ନେତା ନିରଶ ହେବାରୁ ଅନ୍ୟ ଦଳକୁ ଡେଇଁ ପଡିଥିଲେ। ଏହା ନିର୍ବାଚନମଣ୍ଡଳୀରେ ନକରାତ୍ମକ ପ୍ରଭାବ ପକାଇଥିବାବେଳେ ଭାଜପାରୁ ଦାମୋଦର ରାଉତ ପ୍ରାର୍ଥୀ ହେବା ମହାପାତ୍ରଙ୍କ ପାଇଁ କେତେକାଂଶରେ ଅଡୁଆ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ପୂର୍ବରୁ ଭାଜପା ନେତା ଥିବା ରଘୁନନ୍ଦନ ଦାସ ନିର୍ବାଚନ ସମୟରେ ବିଜେଡିରେ ମିଶିଥିଲେ। ଅତୀତରେ ସେ ଏକାଧିକବାର ପ୍ରାର୍ଥୀ ହୋଇ ହାରିଥିଲେ। ଏଥିସହ ତାଙ୍କ ସ୍ତ୍ରୀଙ୍କ ବିୟୋଗ ଅନୁକମ୍ପା ମୂଳକ ଭୋଟ୍ ସୃଷ୍ଟିରେ ସକ୍ଷମ ହେଲା। ମୋଟାମୋଟି କହିବାକୁ ଗଲେ କଂଗ୍ରେସର ଗୋଷ୍ଠୀ କନ୍ଦଳ ବର୍ଷାଧିକ କାଳ ଲାଗି ରହିଥିଲେ ସୁଦ୍ଧା ଦଳୀୟ ନେତୃତ୍ୱ ଏହାର ସମାଧାନ କରି ନ ଥିଲେ, ଯାହାକି ଦଳ ପାଇଁ କ୍ଷତିକାରକ ହେଲା ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି।

୨୦୧୪ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ ହୋଇଥିଲେ ପ୍ରଶାନ୍ତ ମୁଦୁଲି। ମୁଦୁଲିଙ୍କୁ ୬୯,୩୩୫ ଅର୍ଥାତ୍ ମୋଟ ମତଦାନର ୩୮.୧୨% ଭୋଟ ମିଳିଥିଲା। ୨୦୦୯ ତୁଳନାରେ ଉକ୍ତ ନିର୍ବାଚନରେ ବିଜେଡିକୁ ୧୯.୬୧% କମ ଭୋଟ ମିଳିଥିଲା। ଏତେ କମ ଭୋଟ ପାଇ ମୁଦୁଲି କିପରି ଜିତିଥିଲେ ତାକୁ ନେଇ ମଧ୍ୟ ଆଲୋଚନା ଜୋର ଧରିଥିଲା। ସେତେବେଳେ ବିଜେଡି ଛାଡି ରଘୁନନ୍ଦନ ଦାସ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ୩୨,୧୩୫ ଅର୍ଥାତ୍ ମୋଟ ମତଦାନର ୧୭.୬୭% ଭୋଟ ପାଇଥିଲେ। କଂଗ୍ରେସ ନେତା ସାରଦା ଜେନା ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ହୋଇ ୨୩,୯୪୮ ଅର୍ଥାତ୍ ୧୩,୧୭% ଭୋଟ ହାତେଇଥିଲେ। ୨ ଜଣ ସ୍ୱାଧୀନ ପ୍ରାର୍ଥୀ ମୋଟ ମତଦାନର ୩୦.୮୪% ଭୋଟ ନେଇଥିଲେ। ଜେନାଙ୍କ ପ୍ରାର୍ଥୀତ୍ୱ ଓ ଅନ୍ୟ କାରଣରୁ କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ରଙ୍କ ଭୋଟ ହାର ୧୫.୪% କମି ୩୯,୯୮୧

**ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ**



ରଘୁନନ୍ଦନ ଦାଶ | ଦାମୋଦର ରାଉତ | ଲଲାଟେନ୍ଦୁ ମହାପାତ୍ର

- **କଂଗ୍ରେସ ପାଇଁ କାଳ ହେଲା ନେତୃତ୍ୱଙ୍କ ଅସହଯୋଗ**
- **ଭାଜପାରୁ ଦାମଙ୍କ ପ୍ରାର୍ଥୀତ୍ୱ ବଦଳାଇଲା ସମୀକରଣ**

ଅର୍ଥାତ୍ ୨୧.୯୮%ରେ ସୀମିତ ଥିଲା। ଏହି ନିର୍ବାଚନରେ ଭାଜପା ସପକ୍ଷରେ ମାତ୍ର ୩,୭୨୪ ଅର୍ଥାତ୍ ୨.୦୫% ଭୋଟ ଯାଇଥିଲା। ୨୦୧୯ରେ କିନ୍ତୁ ସମୀକରଣ ଓଲଟପାଲଟ ହୋଇଥିଲା। ବରିଷ୍ଠ ନେତା ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ସହ ଭାଜପାରେ ମିଶି ବାଲିକୁଦା-ଏରସମାରୁ ପ୍ରାର୍ଥୀ ହେବାକୁ ଚାହିଁଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରଘୁନନ୍ଦନ ଘର ବାହୁଡା କଲେ, ଅର୍ଥାତ୍ ବିଜେଡିରେ ମିଶି ପ୍ରାର୍ଥୀ ହେଲେ। କଂଗ୍ରେସ ମଧ୍ୟ ଲଲାଟେନ୍ଦୁଙ୍କୁ ପୁଣି ଥରେ ପ୍ରାର୍ଥୀ କଲା। କାରଣ ତାଙ୍କ ନେତୃତ୍ୱ ଯୋଗୁ ଗତ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ଭୋଟ ହାର ବଢିଥିଲା। ଏଥିସହ ଜିଲା ପରିଷଦ ସଭ୍ୟ ପଦ ମିଳିଥିଲା, ଯାହାକି ଜିଲାର ଅନ୍ୟ ୩ ନିର୍ବାଚନମଣ୍ଡଳୀରେ ଦେଖାଯାଇ ନ ଥିଲା। ସେପଟେ ଅନ୍ୟତମ ଆଶାୟୀ ଜେନା ଓ ଶିବ ପ୍ରସାଦ ଦାସ କଂଗ୍ରେସ ଛାଡ଼ି ଯଥାକ୍ରମେ ବିଜେଡି ଓ ଭାଜପାରେ ମିଶିଲେ। ଏହାଦ୍ୱାରା ଦଳ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଲା। ତଥାପି ମହାପାତ୍ରଙ୍କୁ ଗତଥର ଅପେକ୍ଷା ୯,୨୫୩ ଅଧିକ ଅର୍ଥାତ୍ ୪୯,୨୩୧ ଭୋଟ ମିଳିଛି। ଭାଜପା ଭୋଟ ହାର ମଧ୍ୟ ୨୦୧୪ ତୁଳନାରେ ଏଥର ୧୭.୪୫% ବଢି ୩୭,୬୧୧ରେ ପହଞ୍ଚିଛି। ବିଜେଡି ପ୍ରାର୍ଥୀ ଦାସଙ୍କ ସପକ୍ଷରେ ଯାଇଛି ସର୍ବାଧିକ ୧,୦୩,୮୧୪ ଭୋଟ୍ ଅର୍ଥାତ୍ ମୋଟ ମତଦାନର ୫୩.୮୩%। ଏହି ହାର ଗତଥର ଅପେକ୍ଷା ୧୫.୭୧% ଅଧିକ। ବିଜେଡି ଭୋଟ ହାର ଆଶାତୀତ ଭାବରେ ବଢିବା ଉପରେ କେତେଜଣ ରାଜନୈତିକ ବିଶେଷଜ୍ଞଙ୍କ କହିବା କଥା ହେଲା ବାସ୍ତବରେ ଏଥିରେ ବିସ୍ମିତ ହେବା କଥା ନୁହେଁ। କାରଣ ୨୦୧୪ ନିର୍ବାଚନରେ ରଘୁନନ୍ଦନ ଓ ସାରଦା ପୃଥକ ଭାବେ ସ୍ୱାଧୀନ ପ୍ରାର୍ଥୀ ହୋଇ ପାଇଥିଲେ ଯଥାକ୍ରମେ ୩୨,୧୩୫ ଓ ୨୩,୯୪୮ ଭୋଟ। ଏବେ ଏହି ଦୁହେଁ ବିଜେଡିରେ ମିଶିଛନ୍ତି। ତେଣୁ ସେମାନଙ୍କ ଭୋଟ ହେବ ୫୬,୦୮୩। ଏଥିସହ ବିଜେଡି ଭୋଟ ଅର୍ଥାତ୍ ୬୯,୩୩୫ରେ ମିଶାଇଲେ ହେବ ୧,୨୫,୪୧୮। କିନ୍ତୁ ବିଜେଡିକୁ ପାଖାପାଖି ୨୧,୦୦୦ କମ ଭୋଟ ମିଳିଛି। ଆଉ ଏକ କଥା ହେଲା ଗତଥର ଅପେକ୍ଷା ନିର୍ବାଚନମଣ୍ଡଳୀରେ ଏଥର ପାଖାପାଖି ୧୧,୦୦୦ ଭୋଟର ବଢିଛନ୍ତି। ଏସବୁକୁ ତର୍ଜମା କଲେ ଜଣାଯାଏ ବର୍ଦ୍ଧିତ ଭୋଟ ସମେତ ବିଜେଡି ସପକ୍ଷରେ ଯାଇପାରି ନ ଥିବା ପାଖାପାଖି ୩୧,୦୦୦ ଭୋଟ ଉଭୟ ଭାଜପା ଓ କଂଗ୍ରେସ ଖାତାକୁ ଯାଇଛି।

**ସଂକ୍ଷେପରେ**

## ମାଙ୍କଡ଼ କାମୁଡ଼ାରେ ୮ ଆହତ

**କୁଜଙ୍ଗ,୨୬।୫(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ପଙ୍କପାଳ ଗ୍ରାମରେ ଏକ ମାଙ୍କଡ଼ କାମୁଡ଼ାରେ ୮ ଜଣ ଆହତ ହେଲେଣି। ଏ ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଶୁକ୍ରବାର କେତେଜଣ ବନକର୍ମଚାରୀ ପଙ୍କପାଳରେ ପହଞ୍ଚି ମାଙ୍କଡକୁ କାବୁ କରିବାକୁ ଚେଷ୍ଟା କରିଥିଲେ। ସେମାନେ କଦଳୀରେ କିଛି ଔଷଧ ପୁରାଇ ଖାଇବାକୁ ଦେଇଥିଲେ ମଧ୍ୟ ମାଙ୍କଡ଼କୁ ଧରିବାକୁ ସକ୍ଷମ ହୋଇନାହାନ୍ତି। ଅନ୍ୟପକ୍ଷରେ ମାଙ୍କଡ ଆତଙ୍କ ଜାରି ରହିଛି। ଶନିବାର ଗ୍ରାମର ବ୍ୟବସାୟୀ ଶିବ ଚରଣ ମହାପାତ୍ରଙ୍କ ସ୍ତ୍ରୀ ସରୋଜିନୀଙ୍କୁ ଉକ୍ତ ମାଙ୍କଡ଼ କାମୁଡ଼ି କ୍ଷତାକ୍ତ କରିଦେଇଛି। ସେ ଡାକ୍ତରଖାନାରେ ଚକିତ୍ସିତ ହେଉଛନ୍ତି। ଏହା ପୂର୍ବରୁ ଯେଉଁ ୭ ଜଣଙ୍କୁ ମାଙ୍କଡ଼ କାମୁଡ଼ିଥିଲା, ସେମାନଙ୍କ ମଧ୍ୟରୁ ୨ଜଣ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମାଙ୍କଡ଼ ଧରିବା ସମ୍ପର୍କରେ ବିଭାଗୀୟ ଡିଏଫ୍‌ଓ ଓ ବନଖଣ୍ଡ ଅଧିକାରୀଙ୍କ କଥାରେ ତାଳମେଳ ରହୁ ନ ଥିବା ଗ୍ରାମର ତାପଶ କୁମାର ଦାଶ, ପ୍ରଦୀପ କୁମାର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି।

## ଯୁବକ ସଂଘର ଯୋଗ ଶିକ୍ଷା ଶିବିର

**ନାଉଗାଁ,୨୬।୫(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ବେଣାପଡ଼ା ଗ୍ରାମର ଅଭିରାମ ଯୁବକ ସଂଘ ପକ୍ଷରୁ ୭ ଦିନ ବ୍ୟାପୀ ଆୟୋଜିତ ଯୋଗ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ପତଞ୍ଜଳୀ ଆନୁକୂଲ୍ୟରେ ଗତ ୧୯ ତାରିଖରୁ ଯୁବକ ସଂଘ ପରିସରରେ ଚାଲିଥିବା ଏହି ଶିବିରକୁ ପତଞ୍ଜଳି ଜଗତ୍‌ସିଂହପୁର ଶାଖାର ଯୋଗ ଗୁରୁ ତ୍ରିଲୋଚନ ସାହୁ ଉଦ୍‌ଘାଟନ କରିଥିଲେ। ଯୋଗ ଦ୍ୱାରା ଦେହ ଓ ମନ ସୁସ୍ଥ ରହିଥାଏ। ତେଣୁ ସମସ୍ତେ ପ୍ରତ୍ୟେହ ସନ୍ଧ୍ୟା ଓ ପ୍ରାତଃରେ କିଛି ସମୟ ପାଇଁ ଯୋଗ କରିବା ନିହାତି ଜରୁରୀ ବୋଲି ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ପରାମର୍ଶ ଦିଆଯାଇଥିଲା। ଶିବିରରେ ପ୍ରତ୍ୟେହ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗାଭ୍ୟାସ କରିଥିଲେ। ଏଥିସହ 'କର ଯୋଗ, ରୁହ ନିରୋଗ', 'ବେଟି ବଚାଓ, ବେଟି ପଢାଓ' ଓ ନିଶାଦ୍ରବ୍ୟ ନିବାରଣ ଉପରେ ସ୍ଲୋଗାନ ଦେଇ ଗ୍ରାମ୍ୟ ପରିକ୍ରମା କରି ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଲବର୍ଟ କେ.ମହାନ୍ତି, ଦେବାଶିଷ ମହାନ୍ତି, ପାୟଲ ପ୍ରିୟଦର୍ଶିନୀ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି



**କୁଜଙ୍ଗ,୨୬।୫(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ତାଳପଦାର ଶିକ୍ଷକ ରାଜକିଶୋର ପାଣିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରୀଅରବିନ୍ଦ ପାଠଚକ୍ର ସହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ଆଡଭୋକେଟ ଅନୁପମା ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟ ଆଲୋଚକ ଭାବେ କୁଜଙ୍ଗ ଅବନାଘରର ପ୍ରତିଷ୍ଠାତା ଡା. ଗିରିଧାରୀ ସାହୁ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ପ୍ରେରଣାଦାୟୀ ଯୋଗଦାନ ଓ ପାଠଚକ୍ରକୁ ସମୃଦ୍ଧ କରିବା କ୍ଷେତ୍ରରେ ଥିବା ଅବଦାନ ସମ୍ପର୍କରେ କହିଥିଲେ। ପ୍ରମୋଦ ମହପାତ୍ର, ମାନସୀ ସାମନ୍ତରାୟ, ସୌରଭ ସାହୁ, ମାତା ସାହୁ, ସୁଲୋଚନା ବେହେରା, ରନୁ ଅପା, ରୀନା ଅପା, ଶିକ୍ଷକ ନେତା ରବୀନ୍ଦ୍ରନାଥ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ବିଚିତ୍ରାନନ୍ଦ ପାଣି, ପବିତ୍ର କୁମାର ପାଣି, ରୋହିତ କୁମାର ପାଣି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଆହତ ଯୁବକଙ୍କ ମୃତ୍ୟୁ

**ବଡ଼ମ୍ବା,୨୬।୫(ଡି.ଏନ.ଏ.):** ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କ ରବିବାର କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମ୍ବା ଥାନା ଶଙ୍ଖାମେରୀ ପଞ୍ଚାୟତ ଅଧୀନ ଶଙ୍ଖାମେରୀ ଗ୍ରାମର ବୀରବର ରାଉତଙ୍କ ପୁଅ ସରୋଜ କୁମାର ରାଉତ(୨୫)। ସରୋଜ ଶୁକ୍ରବାର ରାତିରେ ମାଣିଆବନ୍ଧକୁ ଭୋଜି ଖାଇବାକୁ ଯାଇ ବାଇକ୍‌ରେ ଫେରୁଥିଲେ। କୌଣସି କାରଣରୁ ତାଙ୍କ ବାଇକ୍ ମାଣିଆବନ୍ଧଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଜିଲା ଟପ୍ପର ଆଶୁତୋଷଙ୍କୁ ସମ୍ବର୍ଦ୍ଧନା

**ବାଲିକୁଦା,୨୬।୫(ସ୍ୱ.ପ୍ର.):** ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୫୬୯ ନମ୍ବର ରଖି ଜଗତ୍‌ସିଂହପୁର ଜିଲାରେ ଟପ୍ପର ହୋଇଥିବା ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ କଣିଆ ଗାଁର ଆଶୁତୋଷ ମହାନ୍ତିଙ୍କୁ ରବିବାର ବାଲିକୁଦା ପୂଜ୍ୟ ପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାଙ୍କ ଜମଜ ଭାଇ ଅଂଶୁମାନ ମଧ୍ୟ ୫୪୭ ନମ୍ବର ରଖି ଏ୧ ଗ୍ରେଡ୍‌ରେ ପାସ୍ କରି ବାଲିକୁଦା ବ୍ଲକ ପାଇଁ ଗୌରବ ଆଣିଦେଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶୁତୋଷ ଭବିଷ୍ୟତରେ ଜଣେ ଆଇଏଏସ ହେବାକୁ ଲକ୍ଷ୍ୟ ରଖିଥିବାବେଳେ ଅଂଶୁମାନ ଜଣେ ଡାକ୍ତର ହେବାକୁ ଆଶା କରିଥିବା କହିଛନ୍ତି। ଉଭୟ କୃତୀ ଛାତ୍ରଙ୍କ ସ୍ୱପ୍ନ ସାକାର କରିବା ପାଇଁ ସଂସଦ ପକ୍ଷରୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ସଂସଦର ସଭାପତି କୈଳାସ ବିଶ୍ୱାଳ, ସମ୍ପାଦକ ଅରୁଣ ମହାନ୍ତି, ଉପଦେଷ୍ଟା ବିଷ୍ଣୁଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ସଙ୍ଗଠନ ସମ୍ପାଦକ ପ୍ରଫୁଲ୍ଲ ଷଡ଼ଙ୍ଗୀ, ସରୋଜକାନ୍ତ ସ୍ୱାଇଁ, ଅଞ୍ଜନ କୁମାର ସାହୁ, ସ୍ମିତା ଦାସ, ରାମଚନ୍ଦ୍ର ଶତପଥୀ ପ୍ରମୁଖ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେମାନଙ୍କ ଜେଜେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ମହାନ୍ତି, ବାପା ଅଧ୍ୟାପକ ଅକ୍ଷୟ ମହାନ୍ତି ଓ ମା' ସସ୍ମିତା ଦାସ ଉପସ୍ଥିତ ଥିଲେ।



ନାଟକ ପାଇଁ କଳାକାରମାନେ ଅଭ୍ୟାସ କରୁଛନ୍ତି।

## ଜୟଦେବ ସଦନରେ ଆନ୍ତଃବିଭାଗୀୟ ନାଟକ ଆରମ୍ଭ

ପାରାଦୀପ,୨୬।୫(ସ୍ୱ.ପ୍ର.)

ସ୍ଥାନୀୟ ଜୟଦେବ ସଦନ ପରିସରରେ ପାରାଦୀପ ବନ୍ଦର ଆନ୍ତଃ ବିଭାଗୀୟ ନାଟକ ମହୋତ୍ସବ ଆରମ୍ଭ ହୋଇଛି। ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବନ୍ଦର ପ୍ରଶାସନିକ ବିଭାଗ, ମେରାଇନ ବିଭାଗ ସମେତ ସମସ୍ତ ବିଭାଗ ପକ୍ଷରୁ ନାଟକ ପାଇଁ ପ୍ରସ୍ତୁତି କରାଯାଇଛି। ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଏହି ନାଟକ ଉତ୍ସବ କରାଯାଉଛି। ଉତ୍ସବକୁ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିଥିଲେ।

## ଜଳଛତ୍ର ଖୋଲିବାକୁ ଦାବି

**ସାଲେପୁର,୨୬।୫(ଡି.ଏନ.ଏ.):** ସାଲେପୁର ବ୍ଲକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଫଳରେ ରାସ୍ତାଘାଟରେ ଯାତାୟାତ କରୁଥିବା ଲୋକେ ପାଣିଟୋପାଏ ପାଉନାହାନ୍ତି। ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ଗତବର୍ଷ ବିଭିନ୍ନ ଛକ ବଜାରମାନଙ୍କରେ ଜଳଛତ୍ର ଖୋଲାଯାଇଥିଲା। କିନ୍ତୁ ଚଳିତ ବର୍ଷ କୌଣସି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇନାହିଁ। କେବଳ କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏସବୁ ସଂଗଠନ ଓ ଟ୍ରଷ୍ଟ ଦିନେ ଦୁଇଦିନ ପାଣି ଦେବା ପରେ ବନ୍ଦ କରିଦେଉଛନ୍ତି। ସେହିପରି ଖରାଦିନ ପୂର୍ବରୁ ଗାଁ କଲ୍ୟାଣ ସମିତି ମାଧ୍ୟମରେ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରାଯାଉଥିଲା। କିନ୍ତୁ ଏବେ ଉକ୍ତ ସମିତି ମାଧ୍ୟମରେ କୌଣସି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଉ ନ ଥିବା ଦେଖାଯାଇଛି। ତେଣୁ ତୁରନ୍ତ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ବଜାରମାନଙ୍କରେ ଜଳଛତ୍ର କେନ୍ଦ୍ର ଖୋଲିବାକୁ ଜନସାଧାରଣ ଦାବି କରିଛନ୍ତି।

## ଗୋପାଳପୁରରେ ଭୌତିକ କାଣ୍ଡ

ନାଉଗାଁ,୨୬।୫(ସ୍ୱ.ପ୍ର.)

ନାଉଗାଁ ତହସିଲ ଅଧୀନ ନୂଆଗାଁ ପଞ୍ଚାୟତ ଗୋପାଳପୁରର ଭାସିଆକୁଦ ଗ୍ରାମରେ ଭୌତିକ କାଣ୍ଡ ଘଟୁଥିବା ଚର୍ଚ୍ଚା ହେଉଛି। ଉକ୍ତ ଗ୍ରାମର ବଟକୃଷ୍ଣ ଜେନାଙ୍କର ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୯ ବଖରା ଚାଳଘର ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ମାତ୍ର ରୋଷେଇ ଗୃହ ଓ ଗୁହାଳ ଘର ଅନ୍ୟ ଦିଗରେ ଥିବାରୁ ସେସବୁ ସୁରକ୍ଷିତ ରହିଥିଲା। କିନ୍ତୁ ଶନିବାର ମଧ୍ୟାହ୍ନରେ ସେଥିରେ ହଠାତ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହେବାରୁ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୋଟିଏ ସ୍ଥାନରେ ୩ ଦିନ ମଧ୍ୟରେ ଦୁଇ ଥର ନିଆଁ ଲାଗିବାରୁ କିଏ ଗୁଣି ଗାରେଡି କରି ଏପରି କରୁଥିବା ଆଲୋଚନା ହେଉଛି। ସ୍ଥାନୀୟ ଜନସାଧାରଣ ଏହାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ନାଉଗାଁ ବିକାଶ ପରିଷଦ ପକ୍ଷରୁ ଜଣେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କୃତୀ ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ନାଉଗାଁ,୨୬।୫(ସ୍ୱ.ପ୍ର.):** ଚଳିତ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ନାଉଗାଁ ବ୍ଲକରେ ଏ-୧ ଗେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ନାଉଗାଁ ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟର ଶୁଭ୍ରା ଶେଫାଳିକା ପରିଡ଼ା ୫୬୧, ରୁଦ୍ରନାରାୟଣ ଦାସ ୫୫୧ ଓ କମଳଲୋଚନ ହାଇସ୍କୁଲ୍ ଶୁଦ୍ଧକଣ୍ଠିର ଏନ୍.ଏମ୍ ଅମ୍ଲାନ ୫୪୬ ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ। ପରିଷଦ କର୍ମକର୍ତ୍ତାମାନେ ସେମାନଙ୍କ ଘରକୁ ଯାଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ବେହେରା, ଶିକ୍ଷକ ଅକ୍ଷୟ କୁମାର ରାଉତ, ବସନ୍ତ କୁମାର ଦାସ, ତ୍ରିଲୋଚନ ପାଢୀ, ପ୍ରସନ୍ନଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା ବିପନ୍ନଙ୍କ ପାଇଁ ରେଡ୍‌କ୍ରସ ପାଣ୍ଠିକୁ ସହାୟତା

ସାଲେପୁର,୨୬।୫(ଡି.ଏନ.ଏ.)

ସାଲେପୁର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତସ୍ଥିତ ବିରୂପା ମହୋତ୍ସବ କମିଟି ପକ୍ଷରୁ ରାଜ୍ୟପାଳଙ୍କ ମାଧ୍ୟମରେ ରେଡ୍‌କ୍ରସ ପାଣ୍ଠିକୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ପ୍ରକାଶଯେ, ପ୍ରତିବର୍ଷ ବିରୂପା ମହୋତ୍ସବ କମିଟି ପକ୍ଷରୁ ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ହେବାକୁ ଥିବା ବାର୍ଷିକ ଉତ୍ସବ ସମୟରେ ଫନୀ ବାତ୍ୟା ହୋଇଥିଲା। ଫଳରେ କମିଟି ନିଷ୍ପତ୍ତି ଅନୁଯାୟୀ ମହୋତ୍ସବକୁ ବନ୍ଦ କରାଯାଇ ବାତ୍ୟା ବିପନ୍ନଙ୍କୁ ସହାୟତା ଦେବାପାଇଁ ସ୍ଥିର କରାଯାଇଥିଲା। ସେହି ଅନୁସାରେ କମିଟି କର୍ମକର୍ତ୍ତା ରାଜଭବନକୁ ଯାଇ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ କରି ବାତ୍ୟା ବିପନ୍ନଙ୍କ ପାଇଁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପରେ ରାଜ୍ୟପାଳଙ୍କ ଦ୍ୱାରା ବିରୂପା ବିଶେଷାଙ୍କ ମଧୁସ୍ମୃତି ଦର୍ପଣ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ମୁଖ୍ୟ ଦିଲୀପ ଦାଶ, ପ୍ରଶାନ୍ତ କର, ଅଜୟ ଲେଙ୍କା, ସୁରେଶ ରାଉତ, ବିଶ୍ୱରଞ୍ଜନ ସାହୁ, ରମେଶ ଚନ୍ଦ୍ର ଲେଙ୍କା, ପ୍ରଶାନ୍ତ କୁମାର ଭୂୟାଁ ଓ ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକ ଦେବୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା

**ବଡ଼ମ୍ବା,୨୬।୫(ଡି.ଏନ.ଏ.):** ବଡ଼ମ୍ବା ବିଧାୟକଭାବେ ଦେବୀପ୍ରସାଦ ମିଶ୍ର ବିଜୟୀ ହେବାପରେ ରବିବାର ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରାରେ ବିଧାୟକ ମିଶ୍ର ମା' ଭଟ୍ଟାରିକାଙ୍କ ପୀଠକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ କଟକ-ନରସିଂହପୁର ମୁଖ୍ୟ ରାସ୍ତାର ବିଭିନ୍ନ ଛକରେ ତାଙ୍କୁ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ମିଶ୍ର ବଡ଼ମ୍ବା ଗାନ୍ଧୀ ଛକସ୍ଥିତ ଗାନ୍ଧୀ ମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ବଡ଼ମ୍ବାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ସେହିପରି ବଡ଼ମ୍ବା ବିଜେଡି ପକ୍ଷରୁ ସୁନାପାଲିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଧାୟକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏମ୍‌ପି ଜୁଏଲ ଓରାମଙ୍କୁ ସମ୍ବର୍ଦ୍ଧନା

କୁଜଙ୍ଗ,୨୬।୫(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ଭାଜପା ପକ୍ଷରୁ ସୁନ୍ଦରଗଡ଼ର ନବନିର୍ବାଚିତ ଏମ୍‌ପି ଜୁଏଲ୍ ଓରାମଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୁଜଙ୍ଗ ଭାଜପା କୃଷକ ମୋର୍ଚ୍ଚାର ସଭାପତି ବିଶ୍ୱରଞ୍ଜନ ସେନାପତି ଜୁଏଲଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଦଳ ପାଇଁ ଜୁଏଲଙ୍କ ତ୍ୟାଗ, ଆଦାବାସୀମାନଙ୍କ ପାଇଁ ଥିବା ଦରଦ ତଥା ସ୍ୱଦେଶୀ ଶୀଳ୍ପ ଓ କୃଷି ପାଇଁ ଥିବା ପ୍ରତିବଦ୍ଧତା ବହୁ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଭାବିତ କରିଛି ବୋଲି ବିଶ୍ୱରଞ୍ଜନ କହିଛନ୍ତି।



ଏମ୍‌ପି ଜୁଏଲ୍ ଓରାମଙ୍କୁ କୁଜଙ୍ଗ ଭାଜପା କୃଷକ ମୋର୍ଚ୍ଚା ସଭାପତି ଶୁଭେଚ୍ଛା ଜଣାଉଛନ୍ତି।

## ନିଯୁକ୍ତି ପ୍ରସଙ୍ଗ ସମ୍ବିତଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ

ପାରାଦୀପ,୨୬।୫(ସ୍ୱ.ପ୍ର.)

- **ନିର୍ବାଚନ ପ୍ରଚାରବେଳେ ସବୁ ପ୍ରାର୍ଥୀ ଦେଇଥିଲେ ନିଯୁକ୍ତି ପ୍ରତିଶ୍ରୁତି**
- **କାର୍ଯ୍ୟକାରୀ ହେଉନି ନିଯୁକ୍ତି ଆଇନ**
- **ପୂର୍ବରୁ ଏଡାଇ ଯାଇଛନ୍ତି ଦାମ**

ଓଡ଼ିଶାର ଅର୍ଥନୈତିକ ମୁଖଶାଳା ପାରାଦୀପରେ ଏବେ ସବୁଠାରୁ ବଡ଼ ସମସ୍ୟା ହେଲା ବେକାରୀ। ପ୍ରତିବର୍ଷ କେବଳ ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ସ୍ୱତନ୍ତ୍ର ନିୟୋଜନ କାର୍ଯ୍ୟାଳୟରେ ୯ରୁ ୧୦ ହଜାର ବେକାର ଯୁବତୀ ଯୁବକ ନାମ ପଞ୍ଜୀକୃତ କରୁଛନ୍ତି। କିନ୍ତୁ ନିଯୁକ୍ତି ପ୍ରକ୍ରିୟା ଆଦୌ ନାହିଁ କହିଲେ ଚଳେ। ସ୍ୱତନ୍ତ୍ର ନିୟୋଜନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୯ରୁ ୨୦୧୯ ମାର୍ଚ୍ଚ ସୁଦ୍ଧା ୯୭,୩୮୯ ଜଣ ବେକାର ଯୁବତୀ ଯୁବକ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ନିଯୁକ୍ତି ପାଇଛନ୍ତି ମାତ୍ର ୧୮୮ ଜଣ। ଏହି ୧୮୮ ଜଣଙ୍କ ମଧ୍ୟରେ ଶିକ୍ଷା ବିଭାଗରେ ୧୮୪ଜଣ ଥିବାବେଳେ ସ୍ଥାନୀୟ ଶିଳ୍ପ ସଂସ୍ଥାରେ ମାତ୍ର ୪ଜଣଙ୍କୁ ନିଯୁକ୍ତି ମିଳିଛି। ଏହି ୧୦ବର୍ଷ ମଧ୍ୟରେ ପାରାଦୀପରେ ଏସାର ଷ୍ଟିଲ, ପାରାଦୀପ ତୈଳ ବିଶୋଧନାଗାର, କାର୍ବନ କମ୍ପାନୀ ଭଳି ବୃହତ ଶିଳ୍ପ ଛିଡ଼ା ହୋଇଛି। କିନ୍ତୁ ଆଇନଗତ ଅଧିକାର ଭାବେ ଯେଉଁ ନିଯୁକ୍ତି ମିଳିବା କଥା ତାହା ହୋଇନାହିଁ। ନିଯୁକ୍ତି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨ଟି ପ୍ରମୁଖ ଆଇନ ରହିଛି। ଗୋଟିଏ ହେଲା କେନ୍ଦ୍ର ସରକାରଙ୍କ ସିଏନ୍‌ଭି ଆକ୍ଟ ୧୯୫୯ (କମ୍ପଲସରି ନୋଟିଫିକେଶନ ଭ୍ୟାକାନ୍ସି) ଓ ଅନ୍ୟଟି ହେଲା ଓଆରଭି ଆକ୍ଟ ୧୯୬୫ (ଓଡ଼ିଶା ରିଜର୍ଭେଶନ ଭ୍ୟାକାନ୍ସି)। ଉକ୍ତ ଆଇନ କେତେବେଳେ କାର୍ଯ୍ୟକାରୀ ହେଉଛି ତାହା ସାଧାରଣ ଲୋକେ ଜାଣିବା କଷ୍ଟକର। କାରଣ ଶିଳ୍ପ ପାଇଁ ଜମି ହରାଇଥିବା ଲୋକଙ୍କୁ ସମ୍ପୃକ୍ତ ଶିଳ୍ପ ସଂସ୍ଥାରେ ଶତପ୍ରତିଶତ ନିଯୁକ୍ତି ମିଳିବା କଥା। କିନ୍ତୁ ତାହା ହେଉନାହିଁ। ଶିଳ୍ପ ସଂସ୍ଥାରେ ପ୍ରଥମ ଓ ଦ୍ୱିତୀୟ ପାହ୍ୟାର ଅଧିକାରୀଙ୍କୁ ବାଦ୍‌ଦେଲେ ଅବଶିଷ୍ଟ କର୍ମଚାରୀ ଓ ଶ୍ରମିକ ସ୍ଥାନୀୟ ଅଞ୍ଚଳର ହେବା କଥା। ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ କ୍ଷେତ୍ରରେ ୯୦ ପ୍ରତିଶତ ସ୍ଥାନୀୟ ଲୋକ ରହିବା କଥା। ଏସବୁ ନିୟମ ଥିବାବେଳେ ତାହା କାର୍ଯ୍ୟକାରୀ ହୁଏ ନାହିଁ ବୋଲି କୁହନ୍ତି ଅଠରବାଙ୍କୀ ବାସିନ୍ଦା ଦେବୀ ପ୍ରସାଦ ସାହୁ। ଏସବୁ ନିୟମକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ସ୍ଥାନୀୟ ଜନପ୍ରତିନିଧିଙ୍କର। କିନ୍ତୁ ବିଗତ ୪୦ବର୍ଷ ଧରି ପାରାଦୀପର ପ୍ରତିନିଧିତ୍ୱ କରିଥିବା ବର୍ଷିୟାନ ନେତା ପୂର୍ବତନ ବିଧାୟକ ଦାମୋଦର ରାଉତ କେବେ ନିଯୁକ୍ତି ପ୍ରସଙ୍ଗରେ ହସ୍ତକ୍ଷେପ କରିବାର ଦୃଷ୍ଟାନ୍ତ ନାହିଁ। ସବୁବେଳେ ବିଭିନ୍ନ ଆଳ ଦେଖାଇ ସେ ଏହି ପ୍ରସଙ୍ଗକୁ ଏଡାଇ ଯାଇଥାନ୍ତି। ଅନ୍ୟପକ୍ଷରେ ନିଯୁକ୍ତି ପ୍ରସଙ୍ଗ ଓ ଶିଳ୍ପ ସଂସ୍ଥାରେ କାମ କରୁଥିବା ଶ୍ରମିକଙ୍କ ସମସ୍ୟାରେ ହସ୍ତକ୍ଷେପ କରି କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ ଗତ ୧୦ବର୍ଷରେ ସିଂହଭାଗ ଶ୍ରମିକଙ୍କୁ ନିଜ ପକ୍ଷକୁ ଆଣିପାରିଛନ୍ତି। ଏପରିକି ୨୦୧୯ ନିର୍ବାଚନ ଇସ୍ତାହାରରେ ସେ ଦର୍ଶାଇଥିଲେ ବିଧାୟକ ହେଲେ ପ୍ରତି ପଞ୍ଚାୟତରୁ ୧୦୦ ଜଣଙ୍କୁ ନିଯୁକ୍ତି ଦେବେ। ସମାନ କଥା ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ମଧ୍ୟ କହିଥିଲେ। ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ ମଧ୍ୟ ନିଯୁକ୍ତି ପ୍ରସଙ୍ଗକୁ ଆୟୁଧ କରି ନିର୍ବାଚନ ପ୍ରଚାର କରିଥିଲେ। ତେଣୁ ଏବେ ସମ୍ବିତ ଜିତିବା ପରେ ନିଯୁକ୍ତି ପ୍ରସଙ୍ଗ ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ତେବେ ଏହାକୁ ସେ କିପରି ପ୍ରାଧାନ୍ୟ ଦେବେ ତାହା ଆଗାମୀ ଦିନରେ ଜଣାପଡ଼ିବ। ପ୍ରାୟତଃ ଶିଳ୍ପ ସଂସ୍ଥାରେ ନିଯୁକ୍ତି ବେଳେ ଦେଖାଯାଏ, କେତେଜଣ ଠିକାଦାର ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିଥାନ୍ତି। କମ୍ପାନୀ ଅଧିକାରୀ ଓ ଠିକାଦାର ମିଳିତ ଭାବେ ନିର୍ଦ୍ଦିଷ୍ଟ କେତେକ ଦଲାଲଙ୍କ ମାଧ୍ୟମରେ ଅର୍ଥ କାରବାର କରି ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ତଥାକଥିତ ରାଜନେତାମାନେ ସେହି ଠିକାଦାରଙ୍କ ହାତବାରିସି ସାଜି ନିଜସ୍ୱ ବେପାର ଓ ଗାଡି ଲଗାଇବା କାମରେ ଲାଗିଥିବା ଦୃଷ୍ଟାନ୍ତ ରହିଛି। ନିଯୁକ୍ତି ପ୍ରସଙ୍ଗରେ ସମ୍ବିତଙ୍କୁ ପଚାରିବାରେ ସେ କୁହନ୍ତି, ଏହା ନିଶ୍ଚୟ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀଙ୍କର ମଧ୍ୟ ଏହି ସମାନ ଲକ୍ଷ୍ୟ ରହିଛି। ପାରାଦୀପ ବନ୍ଦରଠାରୁ ଆରମ୍ଭ କରି ତୈଳ ବିଶୋଧନାଗାର ପର୍ଯ୍ୟନ୍ତ ସମସ୍ତ ଶିଳ୍ପ ସଂସ୍ଥାରେ କେତେ ସ୍ଥାନୀୟ ଲୋକ ଓ କେତେ ବାହାର ଲୋକ ଅଛନ୍ତି, ତାହା ତର୍ଜମା କରାଯିବ। ଆପଣମାନେ ଅପେକ୍ଷା କରନ୍ତୁ, ନିଶ୍ଚୟ ଫରକ ଜାଣିପାରିବେ ବୋଲି ସେ କହିଛନ୍ତି।



"କ୍ଲାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାରର ବିଳାସ ସେହିପରି ଆନନ୍ଦ ଦେଇପାରିବ ନାହିଁ:
- ନେପୋଲିୟନ



# ପ୍ରକଳ୍ପ ଅଛି, ପାଣି ଆସୁନି

ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୨୬।୫

ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହେଉ ନାହିଁ। ଫଳରେ ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ କୁଳାସର, ନୀଳପଲ୍ଲୀ ଓ ବେଣ୍ଣୁଧର ଗ୍ରାମର ୮ ୱାର୍ଡର ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ୱାର୍ଡବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଆର୍ଥିକବର୍ଷ ୨୦୧୨-୧୩ରେ କୁଳାସର ଗ୍ରାମ ପଞ୍ଚାୟତର କୁଳାସର, ନୀଳପଲ୍ଲୀ ଓ ବେଣ୍ଣୁଧର ଗ୍ରାମର ୯ ୱାର୍ଡ଼ର ପାଖାପାଖି ୨୫୦୦ ଲୋକଙ୍କୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ନିମନ୍ତେ ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପ୍ରକଳ୍ପ ହେବାର ଦୁଇମାସ ପରେ ୯ ୱାର୍ଡ଼ ବଦଳରେ ମାତ୍ର ୨ଟି ୱାର୍ଡ଼ରେ ସୀମିତ ରହିଲା ଜଳଯୋଗାଣ। ପଞ୍ଚାୟତବାସୀ ଏହି ସମସ୍ୟା ନେଇ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗଠାରେ ଅଭିଯୋଗ କରିଥିଲେ। ହେଲେ ମାଟିତଳେ ପାଣି ନ ପଡ଼ିବାରୁ ଏହିଭଳି ଅସୁବିଧା



କାର୍ଯ୍ୟକ୍ଷମ ହେଉ ନ ଥିବା ପାନୀୟ ଜଳ ପ୍ରକଳ୍ପ।

**ରଣପୁର ବ୍ଲକ କୁଳାସର ପଞ୍ଚାୟତ**

■ଅସୁବିଧା ଭୋଗୁଛନ୍ତି ୮ ୱାର୍ଡ଼ର ଲୋକେ

■ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଦେଖାଦେଇଥିବା ବିଭାଗ ପକ୍ଷରୁ କୁହାଗଲା। ଇତିମଧ୍ୟରେ ୭ବର୍ଷ ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବର୍ତ୍ତମାନ ଦୁଇଟି ୱାର୍ଡ଼ ବଦଳରେ ଗୋଟିଏ ୱାର୍ଡ଼କୁ ପାଣି ଯୋଗାଣ ହେଉଛି। ପ୍ରବଳ ଗୀଷ୍ମ ପ୍ରବାହରେ ଲୋକମାନେ ପାନୀୟଜଳ ପାଇଁ କୂଅର ଦୂଷିତ ପାଣି ଉପରେ ନିର୍ଭର କରୁଛନ୍ତି। ଗ୍ରାମରେ ନଳକୂପ ଥିଲେ ମଧ୍ୟ ପାଣିରେ ଲୁହାଗୁଣ୍ଡ ଆସୁଥିବାରୁ ଏହା ପାନୀୟ ଉପଯୋଗୀ ହୋଇପାରୁନାହିଁ। ତୁରନ୍ତ ଏହାର ସମାଧାନ କରା ନ ଗଲେ ପଞ୍ଚାୟତବାସୀ ରାଜାରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।

**କ'ଣ କହନ୍ତି ଏମାନେ**



■ ବିଭାଗ କିଛି ତର୍ଜମା ନ କରି ଯେଉଁଠି ପାରିଲା ସେଇଠି ଖୋଳି ଦେଲା। ଏବେ ପାଣି ଆସୁ ନ ଥିବାରୁ ଆମେମାନେ ହଇରାଣ ହେଉଛୁ। ଏହାର ତଦନ୍ତ ନ କରି ସରକାର କିପରି ଟଙ୍କା ମଞ୍ଜୁର କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଠିକାଦାର ଓ ଯନ୍ତ୍ରୀ ମିଳିମିଶି ନିମ୍ନମାନର କାମ କରି ମାଲାମାଲ ହେଲେ, ଆମକୁ ପାଣି ମିଳିଲା ନାହିଁ।

**- ସଞ୍ଜୟ କୁମାର ସାହୁ, ଗ୍ରାମବାସୀ**



■ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ୯ ୱାର୍ଡ଼କୁ ପାଣି ଯୋଗାଣ ପାଇଁ ବନ୍ଦୋବସ୍ତ କଲେ। ପ୍ରତି ୱାର୍ଡ଼କୁ ପାଇପ୍ ବିଛାଯିବା ସହିତ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଗଲା। ପାଣି ଆସୁ ନ ଥିବାରୁ କିଛି ସ୍ଥାନରେ ଲୋକମାନେ ଷ୍ଟାଣ୍ଡପୋଷ୍ଟ ଓ ପାଇପ୍ ଉପାଡ଼ି ନେଲେଣି। ଲୋକେ ପାଣି ଟୋପାଏ ପାଇଁ ହଇରାଣ ହେଉଛନ୍ତି। ବାଧ ହୋଇ ଆମେ ଦୂଷିତ ପାଣି ପିଉଛୁ।

**- ବିପିନ ନାୟକ, ଗ୍ରାମବାସୀ**



■ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ପ୍ରଶାସନର ଅସହଯୋଗ ଯୋଗୁ ଏଭଳି ଅସୁବିଧା ହେଉଛି। ପ୍ରତିବର୍ଷ ଖରାଦିନେ ଲୋକମାନେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଟିତଳେ ପାଣି ନାହିଁ ବୋଲି କୁହାଯାଉଛି। ୭ବର୍ଷ ବିତି ଯାଇଥିଲେ ବି କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆମେ ରାଜରାସ୍ତାକୁ ଓହ୍ଲାଇବୁ।

**- ଗୌରାଙ୍ଗ ଖୁଣ୍ଟିଆ, ଗ୍ରାମବାସୀ**

■ ମାଟିତଳୁ (ସୋର୍ସ) କମ୍ ଜଳ ମିଳିବା କାରଣରୁ ଏଭଳି ଅସୁବିଧା ଦେଖାଦେଇଛି। ଏହାର ବିକଳ୍ପ ଭାବେ କ'ଣ କରାଯାଇପାରିବ ସେ ନେଇ ବିଭାଗ ତର୍ଜମା କରୁଛି। ଅନ୍ୟ କେଉଁଠି ସୋର୍ସ କରାଯାଇ ପାଣି ଟାଙ୍କିକୁ ଅଣାଯିବାର ବନ୍ଦୋବସ୍ତ କରାଯିବ।

**- ରାଜୀବ ପାଣିଗ୍ରାହୀ, ନିର୍ବାହୀଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ନୟାଗଡ଼**

## ଶ୍ରୀଜୀଉ ଚାପଖେଳ ପରମ୍ପରା ବନ୍ଦ

ଦଶପଲ୍ଲା,୨୬।୫(ଡି.ଏନ.ଏ.)

ଦଶପଲ୍ଲାର ଶ୍ରୀ ଶ୍ରୀ ମଦନ ମୋହନ ଜୀଉଙ୍କ ଚାପଖେଳ ପରମ୍ପରା ବନ୍ଦ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦଶପଲ୍ଲା ସହର ଉପକଣ୍ଠ ଚାପପୋଖରୀ (ବାବୁବସା ପୋଖରୀ)ଠାରେ ଆଡମ୍ବର ସହକାରେ ଏହି ଉତ୍ସବ ପାଳନ କରାଯାଉଥିଲା। ରାଜରାଜୁଡା ଅମଳରୁ ଚାଲିଆସୁଥିବା ଏହି ପରମ୍ପରାକୁ ଗତ କିଛିବର୍ଷ ହେଲା ଆଉ ପାଳନ କରାଯାଉ ନାହିଁ। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି। ଦୀର୍ଘଦିନ ହେଲା ଏହି ପରମ୍ପରା ବନ୍ଦ ଯୋଗୁ ଶ୍ରୀଜୀଉଙ୍କ ଚାପ ଡଙ୍ଗା ଭାଙ୍ଗିଯାଇଛି। ଏହାକୁ ନିର୍ମାଣ କରାଯିବା ନେଇ ମଧ୍ୟ କାହାରି ଆନ୍ତରିକତା ନାହିଁ। ଚାପ ପରିବର୍ତ୍ତେ ଶ୍ରୀଜୀଉଙ୍କ ବିଜେ ପ୍ରତିମାକୁ କେବଳ ପୋଖରୀ ନିକଟକୁ ବିମାନରେ ଅଣାଯାଇ ପୂଜାର୍ଚ୍ଚନା ପରେ ଫେରାଇ ନିଆଯାଉଛି। ଏହାକୁ ନେଇ ଦଶପଲ୍ଲା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସମ୍ପର୍କରେ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ପ୍ରମୋଦ କୁମାର ଦଳବେହେରା କହିଛନ୍ତି, କିଛିବର୍ଷ ହେଲା ଏହି ପରମ୍ପରା ବନ୍ଦ ରହିଛି। ଦେବୋତ୍ତର ବିଭାଗରେ ଅର୍ଥ ନ ଥିବାରୁ ବିଭିନ୍ନ ସମସ୍ୟା ମଧ୍ୟ ଦେଖାଦେଉଛି। ଏହା ଆଗାମୀ ଦିନରେ କିଭଳି ଚାଲୁ ରହିବ ଏଥିପ୍ରତି ଦୃଷ୍ଟି ଦିଆଯିବ।

**ସଂକ୍ଷେପରେ**

## ଗ୍ରୀଷ୍ମଋତୁରେ ଫୁଟିଲା ବ୍ରହ୍ମକମଳ

ଚନ୍ଦନ ଯାତ୍ରାରେ ଶ୍ରୀଜୀଉଙ୍କୁ ଲାଗି



**ଓଡ଼ଗାଁ,୨୬।୫(ସ୍ୱ.ପ୍ର.):** ସାଧାରଣତଃ ଭଗବାନଙ୍କ ଅତି ପ୍ରିୟ ବୋଲି ବର୍ଣ୍ଣନା କରାଯାଇଥିବା ବ୍ରହ୍ମକମଳ ପୁଷ୍ପ ଶରତ ଋତୁରେ ସମୟରେ ହିଁ ଫୁଟିଥାଏ। ଶାରଦୀୟ ପୂଜା ସମୟରେ ଏହି ପୁଷ୍ପ ଶ୍ରୀଜଗନ୍ନାଥଙ୍କ ସମେତ ସର୍ବ ଦେବଦେବୀଙ୍କୁ ଅର୍ପଣ କରାଯାଇଥାଏ । ବିଳମ୍ବିତ ରାତିରେ ଫୁଟୁଥିବା ଏହି ପୁଷ୍ପ ସକାଳ ହେଉ ହେଉ ମଉଳି ଯାଇଥାଏ। ଗତବର୍ଷ ଅଗଷ୍ଟରୁ ନଭେମ୍ବର ମାସ ମଧ୍ୟରେ ଓଡ଼ଗାଁ ଏନ୍ଏସି ଅଧୀନ ବିଜୟ ମଣ୍ଡପ ସାହିର ଶିକ୍ଷୟିତ୍ରୀ ନିରୁପମା ପଟ୍ଟନାୟକଙ୍କ ଘର ବାଲକୋନିରେ ଦୁଇଟି କୁଣ୍ଡରେ ଲାଗିଥିବା ଦୁଇଟି ବ୍ରହ୍ମକମଳ ଗଛରେ ପାଖାପାଖି ୨୦ଟି ପୁଷ୍ପ ଫୁଟିଥିଲା। ଏହାକୁ ସ୍ଥାନୀୟ ଅଞ୍ଚଳରେ ବିଜେ ଶ୍ରୀରଘୁନାଥଜୀଉଙ୍କ ସମେତ ସର୍ବ ଦେବଦେବୀଙ୍କୁ ପୂଜାର୍ଚ୍ଚନା ସହିତ ଅର୍ପଣ କରାଯାଇଥିଲା। ବର୍ତ୍ତମାନ ଶ୍ରୀଜୀଉଙ୍କ ସାଗର ପୋଖରୀରେ ଚନ୍ଦନ ଯାତ୍ରା ଚାଲିଥିବା ବେଳେ ସମସ୍ତଙ୍କୁ ଚକିତ କରି ଗ୍ରୀଷ୍ମଋତୁରେ ଶନିବାର ପୁଣି ଥରେ ୩ଟି ବ୍ରହ୍ମକମଳ ପୁଷ୍ପ ଫୁଟିଥିଲା। ପରିବାର ସଦସ୍ୟଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ବିଳମ୍ବିତ ରାତିରେ ଶ୍ରୀରଘୁନାଥଜୀଉ ଚାପଖେଳରୁ ବାହାରି ମନ୍ଦିର ପ୍ରବେଶ ନିମନ୍ତେ ନଗର ଭ୍ରମଣରେ ବାହାରିବା ପୂର୍ବରୁ ଶ୍ରୀଜୀଉଙ୍କୁ ପୁଷ୍ପଗୁଡିକ ଅର୍ପଣ କରାଯାଇଛି।

## ରାମେଶ୍ୱର ଦେବଙ୍କ ଚନ୍ଦନ ଯାତ୍ରା



**ବାଲୁଗାଁ,୨୬।୫(ଡି.ଏନ.ଏ.):** ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ରାମେଶ୍ୱର ଦେବଙ୍କ ତିନିଦିନ ବ୍ୟାପୀ ଅନୁଷ୍ଠିତ ଚନ୍ଦନ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଛି। ଠାକୁରଙ୍କ ପାରମ୍ପରିକ ପୂଜାର୍ଚ୍ଚନା ନେଇ ଦୀର୍ଘ ଦିନ ହେଲା ବିବାଦ ଲାଗିରହିଥିଲା । ନୂତନ ଟ୍ରଷ୍ଟ ବୋର୍ଡ଼ ସଭାପତି ଭ୍ରମରବର ପାଇକରାୟ ଓ ସ୍ଥାନୀୟ ୩୬ଖଣ୍ଡ ମୌଜାର ଅଧିବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ସହ ଠାକୁରଙ୍କ ପୁଷ୍କରିଣୀରେ ପାରମ୍ପରିକ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପୂର୍ବରୁ ସ୍ଥାନୀୟ ଇଞ୍ଜନପୁର ଗ୍ରାମସ୍ଥିତ ପୁଷ୍କରିଣୀରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିଲା। ଶାନ୍ତିଶୃଙ୍ଖଳାର ସହ ମହାଦେବଙ୍କ ଚନ୍ଦନଯାତ୍ରା ଶେଷ କରିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଥିଲା । ସେହିପରି ବାଲୁଗାଁର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ଚନ୍ଦନଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ସମାପନ ହୋଇଛି।

## ଦେଶୀ ମଦ ଭାଟି ଉପରେ ଚଢ଼ାଉ ୨୦୦ ଲିଟର ନକଲି ମଦ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୬।୫:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ନୂଆଗାଁର ଜଙ୍ଗଲିଆ ଅଞ୍ଚଳରେ ରବିବାର ଚଢ଼ାଉ କରି ୨୦୦ ଲିଟର ନକଲି ମଦ ଜବତ କରିବା ସହ ନୂଆଗାଁର ଅଭି ସାହୁ(୪୫)ଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ଅରାଙ୍ଗର ଚିତ୍ତ ମହାଭୋଇ ପୋଲିସକୁ ଚକମା ଦେଇ ଖସି ଯିବାରେ ସକ୍ଷମ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ନୂଆଗାଁର ଅଭି ସାହୁ ଓ ଅରାଙ୍ଗର ଚିତ୍ତ ମହାଭୋଇ ମିଳିତ ଭାବେ ଦେଶୀ ମଦ ତିଆରି କରୁଥିଲେ। ଖବରପାଇ ପୋଲିସ ଚଢ଼ାଉ ପରେ ଏହା ନକଲି ମଦ ବୋଲି ଜଣାପଡିଛି। ଯାହାକି ବିଷାକ୍ତ ମଦ ବୋଲି ସନ୍ଦେହ ହେବା ପରେ ଟେଷ୍ଟ ପାଇଁ ପଠାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବଡ଼ଶିଲିଙ୍ଗା ଅଞ୍ଚଳରୁ ପୁରୀ ଗଲା ତୁଳସୀ ମଞ୍ଜରୀ

ଗଣିଆ,୨୬।୫(ଡି.ଏନ.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକ ଆଦିବାସୀ ଅଧ୍ୟୁଷିତ ବଡଶିଲିଙ୍ଗା ପଞ୍ଚାୟତର କେତେଜଣ ଜଗନ୍ନାଥପ୍ରେମୀ ଭକ୍ତ ତୁଳସୀ ମଞ୍ଜରୀ ନେଇ ଶ୍ରୀକ୍ଷେତ୍ର ଭଉଁରି ଉପଲକ୍ଷେ ପୁରୀ ଧାମରେ ପହଞ୍ଚିଛନ୍ତି। ସନ୍ଥସେବକ ଭକ୍ତ ପ୍ରଭୁଜୀ ଲଳିତ ନାରାୟଣ ଦାସଙ୍କ ନେତୃତ୍ୱରେ ଏହି ପଞ୍ଚାୟତର ଗୋଛାବାରୀ, ଡିପିସାହି ଓ ଆଖପାଖ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ନିଜ ବାଡିରୁ ତୁଳସୀ ମଞ୍ଜରୀ ସଂଗ୍ରହ କରି ଶନିବାର ରାତିରେ ପୁରୀ ଅଭିମୁଖେ ବାହାରିଥିଲେ। ରବିବାର ସକାଳୁ ସେମାନେ ବଡଦାଣ୍ଡରେ ପହଞ୍ଚି ନାମସଂକୀର୍ତ୍ତନ କରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିର୍ଦ୍ଦେଶକ୍ରମେ କୋଇଲି ବୈକୁଣ୍ଠ ପରିସରରେ ଥିବା ମାଳଗୁଛା ଗୃହରେ ପହଞ୍ଚାଇଥିଲେ । ପ୍ରକାଶ ଯେ, ଗତ ଫନୀ ବାତ୍ୟାରେ ଶ୍ରୀମନ୍ଦିର ତୁଳସୀ ଓ ଫୁଲ ବଗିଚା ବ୍ୟାପକ ନଷ୍ଟ ହେବା ପରେ ବିଭିନ୍ନ ଅଞ୍ଚଳରୁ ଶ୍ରୀଜଗନ୍ନାଥଙ୍କ ଲାଗି ତୁଳସୀ ଓ ଧଣ୍ଡା ଯୋଗାଇଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିଲା। ଦୁର୍ଗମ ଅଞ୍ଚଳର ଆଦିବାସୀ ଶ୍ରଦ୍ଧାଳୁ ଭୀମସେନ ମଲ୍ଲିକ, ମଧୁସ୍ମିତା ମଲ୍ଲିକ, ବିଜୟ କେତନ ମିଶ୍ର, କିଶାନ ବେହେରା ଓ ସନ୍ତୋଷ ବେହେରାଙ୍କ ସମେତ ୬୦ଜଣ ମହିଳାପୁରୁଷ ଶ୍ରଦ୍ଧାଳୁ ତୁଳସୀ ମଞ୍ଜରୀ ନେଇ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିଥିଲେ।



ବଡଶିଲିଙ୍ଗା ଅଞ୍ଚଳବାସୀ ତୁଳସୀ ମଞ୍ଜରୀ ନେଇ ବଡଦାଣ୍ଡରେ ପହଞ୍ଚିଛନ୍ତି।

## ଯୁବତୀଙ୍କଠାରୁ ଭ୍ୟାନିଟ୍ ଲୁଟ୍

ଖୋର୍ଦ୍ଧା ଅଫିସ,୨୬।୫

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇ ଉଠିଛନ୍ତି। ରବିବାର ପୂର୍ବାହ୍ନରେ ଜଣେ ଆଇନଜୀବୀ ବାଇକ୍‌ରେ ଭାଣିଜୀଙ୍କୁ ନେଇ ଯାଉଥିବାବେଳେ ତାଙ୍କଠାରୁ ଭ୍ୟାନିଟ୍ ବ୍ୟାଗ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ସହର ଶାଗୁଆନ ବଗିଚାର ଆଇନଜୀବୀ ବିମଳ କିଶୋର ଦାସ ରବିବାର ପୂର୍ବାହ୍ନ ୯ଟାରେ ଭାଣିଜୀଙ୍କୁ ବାଇକ୍‌ରେ ବସାଇ ନୂଆବସଷ୍ଟାଣ୍ଡକୁ ଯାଉଥିଲେ। ସେହି ସମୟରେ ଏକ ନମ୍ବର ବିହୀନ କଳା ବାଇକ୍‌ରେ ୩ ଜଣ ଯୁବକ ସେମାନଙ୍କ ପିଛା କରୁଥିଲେ। ଲୁଟେରାମାନେ ହାବେଳି ପଡିଆଠାରେ ଭାଣିଜୀ ହାତରୁ ଭ୍ୟାନିଟ୍ ବ୍ୟାଗ୍ ଛଡାଇ ନେଇ ଚମ୍ପଟ ମାରିଥିଲେ। ଭ୍ୟାନିଟ୍ ବ୍ୟାଗରେ ୩ ହଜାର ୫୦୦ ଟଙ୍କା, ଏକ ଦାମୀ ମୋବାଇଲ, ଏଟିଏମ୍ କାର୍ଡ, ଦରକାରୀ କାଗଜପତ୍ର ଥିଲା ବୋଲି ଏତଲାରେ ଦର୍ଶାଯାଇଛି।

## ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

ବୋଲଗଡ଼,୨୬।୫(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବେଣାଗାଡିଆ ପାଟଣାଠାରେ ପାଞ୍ଚଗଡ଼ ରାଜ୍ୟ ତୈଳିକ ବୈଶ୍ୟ ସମାଜର ସପ୍ତମ ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂଗଠନ ସମ୍ପାଦକ ଜୟକୃଷ୍ଣ ସୁବୁଦ୍ଧିଙ୍କ ଆବାହକତ୍ୱରେ ପୂର୍ବାହ୍ନରେ ପତାକା ଉତ୍ତୋଳନ, ସନ୍ଧ୍ୟାରେ ବନ୍ଧୁମିଳନ ଓ ଏହାପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ରଘୁନାଥ ସାହୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସୁମନ୍ତ ଛୋଟରାୟ ଯୋଗଦେଇଥିବାବେଳେ ଉପସଭାପତି ଲକ୍ଷ୍ମୀଧର ସାହୁ, ସହ ସମ୍ପାଦକ ପ୍ରାଣକୃଷ୍ଣ ସାହୁ ଓ ଶିକ୍ଷା ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ସଂଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସଂଗଠନର ବିଗତ ରାଜ୍ୟ ସଭା ଏବଂ କାର୍ଯ୍ୟକାରୀ କମିଟିର ବିବରଣୀ ପଠନ ହୋଇଥିଲା। ଅଧିବେଶନବେଳେ ବିଦ୍ୟାର୍ଥୀଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା, ଶିକ୍ଷାବୃତ୍ତି ପ୍ରଦାନ ଓ ବୃତ୍ତି ପାଇଁ ଦାନ ଗ୍ରହଣ କରାଯାଇଛି ।




ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ।

## ୨ରୁ ବିଭିନ୍ନ ସ୍ଥାନରେ ସେବା ଉତ୍ସବ

ନୟାଗଡ଼ ଅଫିସ,୨୬।୫

ସେବା ମଣିଷର ଶ୍ରେଷ୍ଠ ଧର୍ମ । ଏହି ଧର୍ମକୁ ପାଳନ କରିବା ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ। କର୍ମ ଜଞ୍ଜାଳରେ ବ୍ୟସ୍ତ ରହି ଆମେ ଏହି କର୍ତ୍ତବ୍ୟରୁ ବିରତ ରହୁଛେ। ଏହି ପରିପ୍ରେକ୍ଷୀରେ ଯୁବପିଢ଼ିଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇବା ସହ ସମାଜର ଗରିବ ଓ ଅସହାୟ ଲୋକଙ୍କୁ ସହଯୋଗର ହାତ ବଢାଇବା ପାଇଁ ବିଗତ ଦୁଇବର୍ଷ ଧରି ଜିଲାବ୍ୟାପୀ ସେବା ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଆସନ୍ତା ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ। ଉତ୍ସବରେ ବିଭିନ୍ନ ସ୍ଥାନରେ ବସ୍ତ୍ରଦାନ, ଅନ୍ନଦାନ, ଚଷମା ବଣ୍ଟନ, ମାଗଣା ସ୍ୱାସ୍ଥ୍ୟସେବା ଶିବିର, ମାଗଣା ଚକ୍ଷୁ ପରୀକ୍ଷା, ରକ୍ତଦାନ ଓ ଅଙ୍ଗଦାନ ଶିବିର ଭଳି ସେବା ଭିତ୍ତିକ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ଶିବରାମ ମହାପାତ୍ର ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଦିବ୍ୟାଙ୍ଗ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜିଲାର କିଛି ସ୍ୱନାମଧନ୍ୟ ସାମାଜିକ କର୍ମୀଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ଆମ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ଆୟୋଜିତ ହେଉଛି। ବ୍ୟକ୍ତିଗତ ଭାବେ ଯେଉଁମାନେ ଦାନ ଓ ସେବାର ଏହି ମହାପର୍ବରେ ନିଜକୁ ସାମିଲ କରିବାକୁ ଚାହିଁବେ ଓ ଅସହାୟ ଲୋକଙ୍କୁ ସହଯୋଗର ହାତ ବଢାଇବେ ସେମାନେ ସମିତି ସଭାପତିଙ୍କୁ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

■ ଶୂଳିଆ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ

# ମହିଳା ମଣ୍ଡଳ ପକ୍ଷରୁ କୃଷ୍ଣଲୀଳା ଚର୍ଚ୍ଚା

ଖଣ୍ଡପଡ଼ା,୨୬।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ଓ କଣ୍ଟିଲୋର ବିଭିନ୍ନ ସ୍ଥାନରେ ଏବେ ବି ବୟସ୍କା ମହିଳାମାନେ ଏକାଠି ହୋଇ ଭାଗବତ ଚର୍ଚ୍ଚା କରୁଛନ୍ତି। ସମ୍ପୃକ୍ତ ମହିଳା ଦଳ ନିଶାର୍ଦ୍ଧରେ ଏକ ନିର୍ଜନ ପାହାଡ଼ କିମ୍ବା ଗାଁଠାରୁ ଦୂରରେ ଏହି ଗୁପ୍ତ ରାସଲୀଳା କରୁଛନ୍ତି । ଏହି ପ୍ରାଚୀନ ପରମ୍ପରା କୃଷ୍ଣଲୀଳା ବା ଗୁପ୍ତରାସ ଭାବେ ପରିଚିତ । ଶନିବାର କଣ୍ଟିଲୋ ନିକଟ ଶୂଳିଆ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବାହ୍ନ ୧୦ଟା ବେଳେ ଉକ୍ତ ପୀଠରେ ୪୨ ମୌଜାର ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ମଣ୍ଡଳୀ ସଦସ୍ୟା ଓ ଟହଲିଆ ସମାଗମ ହୋଇଥିଲେ । ୩୦ରୁ ଊର୍ଦ୍ଧ୍ୱ ମହନ୍ତ ଓ ଟହଲିଆ ଏହି ଆଧ୍ୟାତ୍ମିକ ସମାରୋହରେ ଯୋଗଦେଇଥିଲେ। କଣ୍ଟିଲୋ, ବାଣପୁର, ଟାଙ୍ଗୁପଡ଼ା, ବେଣାଗାଡ଼ିଆ, ଗୋପୀନାଥପୁର, ଧାନଚେଙ୍ଗଡ଼ା, ଲକ୍ଷ୍ମୀପ୍ରସାଦ, ବରକୋଳି, ମୁରାରୀପୁର, କାଦୁଆ, ଖଳିସାହି, ଅଁଳାପଟା, ସିଂଘାପଡ଼ା ଆଦି ଗ୍ରାମର ମହିଳା ମଣ୍ଡଳୀର ସଦସ୍ୟାମାନେ ଉତ୍ସବରେ ସାମିଲ ଥିଲେ । ପ୍ରଥମେ ପୂଜାରୀ ଭାଗବତ ଠାକୁରଙ୍କୁ ବିଜେ କରାଇଥିଲେ । ମହିଳାମାନେ ପ୍ରଭାତରୁ ମହାନଦୀରୁ କଳସରେ ପବିତ୍ର ଜଳ ଆଣି ଶୂଳିଆ ଠାକୁରାଣୀଙ୍କ ପୀଠରେ ସ୍ଥାପନ କରିଥିଲେ । ପୀଠରେ ପୂଜାର୍ଚ୍ଚନା ପରେ ସମସ୍ତ ମହିଳା ମଣ୍ଡଳ ପୃଥକ୍ ପୃଥକ୍ ଦଳ ହୋଇ ଭାଗବତ ପଠନ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ମଣ୍ଡଳୀ ତରଫରୁ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଭାଗବତ ଚର୍ଚ୍ଚା ଅନୁଷ୍ଠିତ ହୋଇଥିଲା । ବିଶ୍ୱ କଲ୍ୟାଣ ନିମନ୍ତେ ନିଶାର୍ଦ୍ଧରେ ଠାକୁରାଣୀଙ୍କ ପାଖରେ ଆହୁତି ପ୍ରଦାନ କରାଯାଇଥିଲା। ଏହାପରେ ସମସ୍ତ ମହିଳା ଏକାଠି ହୋଇ ନିକଟସ୍ଥ ଶୂଳିଆ ପାହାଡ଼ର ଅଙ୍କାବଙ୍କା ପ୍ରାୟ ୧ କିଲୋମିଟର ଶିଖର ଦେଶରେ ପହଞ୍ଚି ଗୁପ୍ତ ରାସଲୀଳା ପରିବେଷଣ କରିଥିଲେ । ୪୨ ମୌଜା ମହିଳା ମଣ୍ଡଳୀର ମହନ୍ତ ଭାସ୍କର ଦାସଙ୍କ ସୂଚନା ଅନୁସାରେ ଏହି ଗୁପ୍ତଲୀଳା ଦର୍ଶନ ନିମନ୍ତେ ପୁରୁଷମାନଙ୍କୁ ବାରଣ କରାଯାଇଛି । କାରଣ ଉକ୍ତ ରାସଲୀଳା ଦେଖିବା ଦ୍ୱାରା ପୁରୁଷମାନଙ୍କ ଅନିଷ୍ଟ ଘଟିଥିବା ସେ ଦୃଷ୍ଟାନ୍ତ ଦେଇଥିଲେ। ଲୀଳା ପରିବେଷଣ ସମୟରେ ମହିଳାମାନଙ୍କ ମଧ୍ୟରୁ ଜଣେ କୃଷ୍ଣ ଓ ଜଣେ ରାଧା ହୋଇ ଭାଗବତ ଓ ରାସଲୀଳା ଗୀତ ପଠନ କରି ଅଭିନୟ କରିଥିଲେ । ଏହାପରେ ପ୍ରତ୍ୟେକ ମଣ୍ଡଳର ମହିଳାମାନେ ଦଳ ଦଳ ହୋଇ କୃଷ୍ଣଙ୍କ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ମହିଳାମାନେ ଏକ ନିଛାଟିଆ ସ୍ଥାନକୁ ଯାଇ ନଦୀକୂଳରେ କଦମ୍ବ ଡାଳ ପୋତି ସେଥିରେ ଶାଢ଼ି ବାନ୍ଧି ଜଳକ୍ରୀଡ଼ା କରିଥିଲେ । ଏହି ଲୀଳାକୁ ଗୋପୀମାନଙ୍କ ଜଳକ୍ରୀଡା ଓ କୃଷ୍ଣଙ୍କ ବସ୍ତ୍ରହରଣ ପ୍ରସଙ୍ଗ ବୋଲି କୁହାଯାଏ । ମହିଳାମାନେ କହିଥିଲେ, କୃଷ୍ଣଙ୍କୁ ପ୍ରାପ୍ତ କରିବା ପାଇଁ ଦ୍ୱାପର ଯୁଗରେ ଗୋପୀମାନେ ଯେପରି ଲୀଳାଖେଳା କରିଥିଲେ, ଆମେ ସେହିପରି ନିଜକୁ ଗୋପୀ ମନେକରି ଭାଗବତ ପଠନ ମାଧ୍ୟମରେ ଲୀଳାକୁ ଉଜ୍ଜୀବିତ ରଖିଛୁ। କୃଷ୍ଣଲୀଳା ଆଦି କାର୍ଯ୍ୟକ୍ରମ ସମ୍ପନ୍ନ ପରେ ମହିଳାମାନେ ବିଶ୍ୱ କଲ୍ୟାଣ ନିମନ୍ତେ ନାମଯଜ୍ଞ କରି ହୁଳହୁଳି ଓ ହରିବୋଲ ଧ୍ୱନି ଦେଇଥିଲେ। ସକାଳୁ ଆରମ୍ଭ ହୋଇଥିବା ଏହି ଗୁପ୍ତଲୀଳା ରାତିସାରା ଅନୁଷ୍ଠିତ ହୋଇଥିଲା । ଶେଷରେ ସମସ୍ତ ମହିଳାଙ୍କୁ ଅନ୍ନ ଭୋଗ ପ୍ରଦାନ କରାଯାଇଥିଲା।



ମା' ଶୂଳିଆ ଠାକୁରାଣୀ।



ମହିଳାମଣ୍ଡଳ ପକ୍ଷରୁ ଅନୁଷ୍ଠିତ ହେଉଛି ଗୁପ୍ତଲୀଳା।

■ସାମିଲ ହେଲେ ୪୨ ମୌଜାର ୧ ହଜାରରୁ ଊର୍ଦ୍ଧ୍ୱ ମହିଳା

■ପୁରୁଷ ଦର୍ଶନ କଲେ ହୋଇଥାଏ ଅନିଷ୍ଟ

## ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୬।୫(ଡି.ଏନ୍.ଏ.)

ଟାଙ୍ଗୀ ଥାନା କାଲୁପଡା ଗହୀର ମଝିରେ ରବିବାର ମଧ୍ୟାହ୍ନରେ ଜଣେ ଶ୍ରମିକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ମୃତକ ହେଲେ ସୁରେନ୍ଦ୍ର ମହାପାତ୍ର(୫୨)। ଘର ଟାଙ୍ଗୀ ଥାନା ସାନ କୁସୁମୀ ଗାଁରେ। ଖବରପାଇ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ ନଂ.୧୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁସାରେ, ୩ଜଣ କୃଷି ଶ୍ରମିକ କାଲୁପଡା ଗହୀର ମଝିରେ ଯାଇ କାମ କରୁଥିଲେ। ସୁରେନ୍ଦ୍ର ମହାପାତ୍ରଙ୍କର ଫେରିବାରେ ବିଳମ୍ବ ହୋଇଥିଲା। ପରିବାର ଲୋକେ ଆସିବା ବିଳମ୍ବ ଯୋଗୁ ବିଲରେ ଯାଇ ଦେଖିବା ବେଳକୁ ପାଟି, ନାକରୁ ଲାଳ ଓ ରକ୍ତ ବାହାରି ଥିବାବେଳେ ସେ ପଡି ରହିଥିଲେ।